ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.72 Bhubaneswar Wednesday 27 2022 | ୨୫ତମ ବର୍ଷ | ସଂଖ୍ୟା-୭୨ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୨୭, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹ 1.50 | (Air Surcharge - 0.50P) | Member-INS

## ଆସନ୍ତା ମାସରେ ନୂଆ ପିସିସି ମୁଖ୍ୟ: ବିଧାୟକ ଦଳ ନେତା ପଦ ଛାଡିପାରନ୍ତି ନରସିଂହ

ଭୁବନେଶ୍ୱର , ୨୬।୪(ପି.ଏନ): ରାଜ୍ୟ କଂଗ୍ରେସରେ ଗୋଷ୍ଠୀକନ୍ଦଳ ପୁଣିଥରେ ତୀବ୍ର ରୂପ ଧାରଣ କରିଥିବାବେଳେ ଆସନ୍ତା ମାସରେ ନୂଆ ପିସିସି ସଭାପତିଙ୍କ ନାମ ଘୋଷଣା ହେବାର ସମ୍ଭାବନା ରହିଛି । ସେହିପରି ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ନାଁରେ କିଛି ବିଧାୟକ ନିଜର ଅସନ୍ତୋଷ ବ୍ୟକ୍ତ କରିଥିବାରୁ ତାଙ୍କୁ ଉକ୍ତ ପଦରୁ ହଟାଇବାକୁ ମଧ୍ୟ ଯୋଜନା ଚାଲିଥିବା ଜଣାପଡିଛି ।କଂଗ୍ରେସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଓଡିଶା ପିସିସି ପ୍ରଭାରୀ ଏ ଚେଲାକୁମାର ଓ ସହପ୍ରଭାରୀ ରୁଦ୍ର ରାଜୁ ଆଜି ଭୁବନେଶ୍ୱରରେ ରାଜ୍ୟର ବରିଷ୍ଠ କଂଗ୍ରେସ ନେତାମାନଙ୍କ ସହ ବୈଠକ କରିଥିଲେ । ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ପଦରୁ ଇସ୍ତଫା ଦେଇସାରିଥିବାରୁ ବିଧାୟକ, ସାଂସଦ ଓ ସବୁ ନେତାମାନଙ୍କ ବିଚାରବିମର୍ଶ କରିଥିଲେ । ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ଭିନ୍ନ ଭିନ୍ନ ଭାବେ ପ୍ରାୟ ୩୦ମିନିଟ୍ ଲେଖାଏଁ ଧରି ରୁଦ୍ଧ ଦ୍ୱାର ଆଲୋଚନା କରିଥିଲେ । ସବୁ ନେତାମାନଙ୍କ ସହ ଆଲୋଚନାବେଳେ ପିସିସି ସଭାପତି ପଦ ନିମନ୍ତେ ୩ଜଣଙ୍କ ନାଁ ପ୍ରସ୍ତାବ



ଦେବାକୁ ସେ କହିଥିବା ଜଣାପଡିଛି ।ଶ୍ରୀ ଚେଲାକୁମାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ନିରଞ୍ଜନ ପଟ୍ଟନାୟକ ତାଙ୍କର ଇସ୍ତଫା ଦେଇସାରିଛନ୍ତି । ଦଳର ବିଧାୟକ ଓ ନେତାମାନଙ୍କୁ ଭେଟି ପରବର୍ତ୍ତୀ ନୂଆ ପିସିସି ମୁଖ୍ୟ କିଏ ହେବେ ସେ ନେଇ ମତାମତ ସଂଗ୍ରହ କରିବା ନିମନ୍ତେ ଭୁବନେଶ୍ୱର ଆସିଛି । ସମସ୍ତଙ୍କର ମତାମତ ନେଇ ସେ ଏ ସଂକ୍ରାନ୍ତ ବିସ୍ତୃତ ରିପୋର୍ଟ କଂଗ୍ରେସ ହାଇକମାଣ୍ଡଙ୍କୁ ଜଣାଇବେ ଓ ସୋନିଆ ଗାନ୍ଧି ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି । ତେବେ ପିସିସି ସଭାପତି ଭାବେ ଜଣେ ବିଧାୟକଙ୍କୁ ଦାୟିତ୍ୱ ଦେବା ଚର୍ଚ୍ଚାକୁ ଶ୍ରୀ ଚେଲାକୁମାର ଏଡାଇ ଯାଇଛନ୍ତି । କଂଗ୍ରେସ ସମ୍ବିଧାନରେ ଏଭଳି କୌଣସି ନିୟମ ଥିବା ସେ ଜାଣିନଥିବା କହିଛନ୍ତି ।ଅନ୍ୟପକ୍ଷରେ କଂଗ୍ରେସର ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଅଧିକାଂଶ ବିଧାୟକ ଆଜି ଆଲୋଚନାବେଳେ ନରସିଂହ ମିଶ୍ରଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ । ତାଙ୍କୁ ବିଧାୟକ ଦଳ ନେତା ପଦରୁ ଅପସାରଣ କରିବା ପାଇଁ ଦାବି ଜଣାଇଥିଲେ । ନରସିଂହଙ୍କ ବଦଳରେ କାହାକୁ ଏହି ପଦରେ ଆସୀନ କରାଯିବ ସେ ନେଇ ଚେଲାକୁମାର ପ୍ରସ୍ତାବ ମାଗିଥିଲେ ମଧ୍ୟ ବିଧାୟକମାନଙ୍କ ମଧ୍ୟରେ ସହମତି ହୋଇପାରିନି । ଏପଟେ ରୁଦ୍ଧ ଦ୍ୱାର ଆଲୋଚନାବେଳେ ନରସିଂହଙ୍କୁ ବିଧାୟକମାନେ କରୁଥିବା ବିରୋଧ ସମ୍ପର୍କରେ ଚେଲାକୁମାର ଅବଗତ କରାଇଥିଲେ । ଯଦି ବିଧାୟକମାନେ ବିରୋଧ କରୁଛନ୍ତି ତା'ହେଲେ ବିଧାୟକ ଦଳ ନେତା ପଦରୁ ଅବ୍ୟାହତି ନେବାକୁ ପ୍ରସ୍ତୁତ, କିନ୍ତୁ ସେହି ବିଧାୟକମାନେ କିଏ ଓ ସେମାନଙ୍କର ସଂଖ୍ୟା କେତେ ତାହା ଜାଣିବାକୁ ନରସିଂହ ଚାହିଁଥିବା ପିସିସି ସୂତ୍ରରୁ ସୂଚନା ମିଳିଛି । ତେବେ ନରସିଂହ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି ବୋଲି ଆଜି ଦିନତମାମ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିଲେ ମଧ୍ୟ ଉଭୟ ପିସିସି କିମ୍ବା ନରସିଂହଙ୍କ ପକ୍ଷରୁ କେହି କିଛି ମୁହଁ ଖୋଲି ନାହାନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟାରେ ନରସିଂହ କହିଛନ୍ତି ଯେ, ଉଚିତ୍ ସମୟ ଆସିଲେ ସେ ଏ ପ୍ରସଙ୍ଗରେ କହିବେ ।

## କାଲିଠୁ ମଇ ୨ ପର୍ଯ୍ୟନ୍ତ କଲେଜ, ୟୁନିଭର୍ସିଟି ବନ୍ଦ

ଭୁବନେଶ୍ୱର, ୨୬।୪(ପି.ଏନ): ଆସନ୍ତାକାଲି (ବୁଧବାର)ଠାରୁ ମଇ ୨ ତାରିଖ ଯାଏଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କ୍ଲାସ୍ ବନ୍ଦ ରହିବ । କାଲିଠାରୁ ରାଜ୍ୟର ୟୁଜି/ପିଜି କ୍ଲାସ ବନ୍ଦ ରହିବ । ତେବେ ପରୀକ୍ଷା, ମୂଲ୍ୟାୟନ ଆଦି ଜାରି ରହିବ । ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଦୃଷ୍ଟି ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତି ନିଆଯାଇଛି । ଏନେଇ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ସମସ୍ତ ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜ ପ୍ରିନ୍ସିପାଲ ମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । କଲେଜ ବନ୍ଦ ରହିଲେ ମଧ୍ୟ ଅଧ୍ୟାପକ ଓ ଅନ୍ୟ କର୍ମଚାରୀମାନେ ପୂର୍ବଭଳି କଲେଜ ଓ ବିଶ୍ୱ ବିଦ୍ୟାଳୟ ଆସିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି ଯେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନରେ କ୍ଲାସରୁମ୍ ଶିକ୍ଷାଦାନ ଏପ୍ରିଲ ୨୭ ତାରିଖରୁ ମେ ୨ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ଏହି ସମୟ ମଧ୍ୟରେ ଶିକ୍ଷାନୁଷ୍ଠାନ ଗୁଡିକରେ ପରୀକ୍ଷା, ମୂଲ୍ୟାୟନ, ପ୍ରଶାସନିକ କାର୍ଯ୍ୟ ଏବଂ ରିସର୍ଚ୍ଚ କାର୍ଯ୍ୟ ଜାରି ରହିବ । ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲରୁ ୨୬ରୁ ୩୦ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟ ବନ୍ଦ ରଖିବାକୁ ଗତକାଲି ରାଜ୍ୟ ସରକାର ନିଷ୍ପତି ନେଇଥିଲେ । ମାତ୍ର ଏହି ସମୟ ମଧ୍ୟରେ ଦଶମ ଓ ଯୁକ୍ତ ୨ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଅନୁଷ୍ଠିତ ହେବ ।

## ୫-ଟି ସଚିବଙ୍କ ଝଙ୍କଡ଼ ଗସ୍ତ

ଭୁବନେଶ୍ୱର, ୨୬।୪(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଙ୍କ ସଚିବ ଫାଇଭଟି ଭି କେ ପାଣ୍ଡିଆନ ଆଜି ପ୍ରତ୍ୟୁଷ ରେ ଜଗତସିଂହପୁର ର ଝଙ୍କଡ଼ ପୀଠ କୁ ଯାଇ ମା ସାରଳା ଙ୍କୁ ପୂଜାର୍ଚ୍ଚନା କରିଥିଲେ ଏବଂ ପୀଠ ର ବିକାଶ ସମ୍ପର୍କରେ ସେବାୟତ , ସ୍ଥାନୀୟ ଜନସାଧାରଣ ଓ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିଲେ । ଝଙ୍କଡ଼ ଓଡ଼ିଶାର ଏକ ପ୍ରସିଦ୍ଧ ଶକ୍ତି ପୀଠ . ମା ସାରଳା ଙ୍କ ଆଶୀର୍ବାଦରୁ ଏହି ପୀଠରୁ ଆଦିକବି ସାରଳା ଦାସ ସାରଳା ମହାଭାରତ ରଚନା କରିଥିଲେ । ପ୍ରତିଦିନ ଏହି ପୀଠ କୁ ମା ଙ୍କ ଦର୍ଶନ ପାଇଁ ବିଭିନ୍ନ ସ୍ଥାନରୁ ଭକ୍ତ ମାନେ ଆସିଥାନ୍ତି. ତେଣୁ ଭକ୍ତ ମାନଙ୍କ ସୁବିଧା ପାଇଁ ପୀଠ ର ବିକାଶ ଜରୁରୀ ହୋଇ ପଡିଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଙ୍କ ସଚିବ ଶ୍ରୀ ପାଣ୍ଡିଆନ ପୀଠ ର ବିକାଶ ସମ୍ପର୍କ ରେ ସେବାୟତ, ଜନସାଧାରଣ ଓ ଜିଲ୍ଲା ପ୍ରଶାସନ ସହ ବିସ୍ତୃତ ଆଲୋଚନା କରିଥିଲେ ।

## ମେ ୧ ଯାଏଁ ତାତିରୁ ନିସ୍ତାର ନାହିଁ

ଭୁବନେଶ୍ୱର, ୨୬।୪(ପି.ଏନ): ଉତର-ପଶ୍ଚିମ ତଥା ପଶ୍ଚିମ ଦିଗରୁ ରାଜ୍ୟକୁ ପ୍ରବେଶ କରୁଥିବା ଉତପ୍ତ-ଶୁଷ୍କ ବାୟୁ ଏବଂ ଅତ୍ୟାଧିକ ସୂର୍ଯ୍ୟ ଉତାପ ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାରେ ଦିନ ତାପମାତ୍ରା ୨ ଡ଼ିଗ୍ରୀ ଯାଏଁ ବୃଦ୍ଧି ହେବାର ସମ୍ଭାବନା ରହିଛି । ତେଣୁ ରାଜ୍ୟରେ ଆସନ୍ତା ମେ ୧ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଗ୍ରୀଷ୍ମ ପ୍ରବାହ ପାଇଁ ଅନେକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୁଳ, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି । ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୭ରୁ ୨୮ ତାରିଖ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୁଳ, ଦେବଗଡ଼, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଗ୍ରୀଷ୍ମ ପ୍ରବାହ ସମୟରେ ଖରାକୁ ନବାହାରି ଛାଇ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି ।

## ନବନିର୍ବାଚିତ ପୌରାଧକ୍ଷ ଏବଂ ଏନଏସି ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୬।୪(ପି.ଏନ): "ଆମ ଉପରେ ଆସ୍ଥା ପ୍ରକଟ କରି ଲୋକମାନେ ଗୁରୁ ଦାୟୀତ୍ୱ ଅର୍ପଣ କରିଛନ୍ତି । ତାଙ୍କ ଆଶା ଓ ଆକାଂକ୍ଷାକୁ ପୁରଣ କରିବା ପାଇଁ ଆମକୁ ମିଳିଥିବା ସୁଯୋଗକୁ ସଦ୍‌ବ୍ୟବହାର କରି ଆସ୍ଥାଭାଜନ ହେବା । ମୋଦି ସରକାରଙ୍କ ମୁଳମନ୍ତ୍ର "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ"କୁ ଆଧାର କରି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଏବଂ ସ୍ଥାନୀୟ ଅଂଚଳର ସାମୁହିକ ବିକାଶ ଆମର ମୁଳ ଲକ୍ଷ୍ୟ ।" ଲୋକଙ୍କ ପାଖକୁ ଯାଆନ୍ତୁ ଏବଂ ମୁଳ ସମସ୍ୟାକୁ ଚିହ୍ନଟ କରି ସମାଧାନ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟ ସଭାପତି ସମୀର ମହାନ୍ତି ସମସ୍ତ ନବନିର୍ବାଚିତ ପୌରାଧକ୍ଷ ଏବଂ ଏନଏସି ଅଧକ୍ଷଙ୍କୁ ଆହ୍ୱାନ ଦେଇଛନ୍ତି ।ମଙ୍ଗଳବାର ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ନବନିର୍ବାଚିତ ପୌରାଧକ୍ଷ ଏବଂ ଏନଏସି ଅଧକ୍ଷଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ, ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ସହରାଂଚଳ ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । କେନ୍ଦ୍ରୀୟ ଯୋଜନାର ସଫଳ ରୁପାୟନ ଏବଂ କେନ୍ଦ୍ରୀୟ ଆର୍ଥିକ ଅନୁଦାନର ସଠିକ ବ୍ୟବହାର କରି ଲୋକଙ୍କ ଆବଶ୍ୟକତାକୁ ପୁରଣ କରିବା ପାଇଁ ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି ।ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଓ ସହମୁଖ୍ୟ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ବୈଠକରେ ଟିଟିଲାଗଡ ଏନଏସି ଅଧକ୍ଷା ମମତା ଦେବୀ ଜୈନ; ସୋରୋ ପୌରାଧକ୍ଷ ମାଧବ ଧଡା; କୋଦଳା ଏନଏସି ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକ; ଛତ୍ରପୁର ଏନଏସି ଅଧକ୍ଷା ସର୍ମିଷ୍ଠା ପ୍ରଧାନ; ରମ୍ଭା ଏନଏସି ଅଧକ୍ଷା ମାନସୀ ସ୍ୱାଇଁ; ଧର୍ମଗଡ ଏନଏସି ଅଧକ୍ଷ ଅଶୋକ ମହାନ୍ତି; ଜୁନାଗଡ ଏନଏସି ଅଧକ୍ଷ ମୁକେଶ ଅଗ୍ରୱାଲ; କେନ୍ଦୁଝରଗଡ ପୌରଧକ୍ଷା ନିକୁ ସାହୁ; ବାଲିମେଳା ଏନଏସି ଅଧକ୍ଷ ପ୍ରଦୀପ ନାଏକ; ଉଦଲା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା; ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ; ଖରିଆରରୋଡ ଏନଏସି ଅଧକ୍ଷା ସୋନିଆ ଗୋଲ୍ଡି ଅଗ୍ରୱାଲ; ସୁନ୍ଦରଗଡ ପୌରାଧକ୍ଷା ତନୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## 'କ'ଣ କରିଛି ଯେ ମୁଁ କ୍ଷମା ମାଗିବି, ଆଗ ନିରଞ୍ଜନ ଓ ଜୟଦେବ କ୍ଷମା ମାଗନ୍ତୁ'




ଭୁବନେଶ୍ୱର, ୨୬।୪(ପି.ଏନ): 'ମୁଁ କ୍ଷମା ପ୍ରାର୍ଥନା କରିବିନି । କ'ଣ କରିଛି ଯେ ମୁଁ କ୍ଷମା ମାଗିବି । ନିରଞ୍ଜନ ପଟ୍ଟନାୟକ ଆଗେ କ୍ଷମା ମାଗନ୍ତୁ । ଜୟଦେବ ଜେନା କ୍ଷମା ମାଗନ୍ତୁ । ତା'ହେଲେ ମୁଁ କ୍ଷମା ମାଗିବି । ଯଦି ସେମାନେ କ୍ଷମା ନ ମାଗିବେ, ତା'ହେଲେ ମୁଁ କାହିଁକି ମାଗିବି ।' କଂଗ୍ରେସର ସଭାପତି କିଏ ହେବ, ସେ ନିଷ୍ପତ୍ତି ନବୀନ ପଟ୍ଟନାୟକ ନିଅନ୍ତି ବୋଲି ଗଣମାଧ୍ୟମରେ କିଭଳି ଓ କେଉଁ ପରିସ୍ଥିତିରେ ବୟାନ ଦେଲେ ତା'ର ସନ୍ତୋଷଜନକ ଉତ୍ତର ଦେବାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ନୋଟିସ୍ ପଠାଇଥିବା ବେଳେ ସେ ଏମିତି ପ୍ରତିକ୍ରିୟା ରଖିଛନ୍ତି ।ବିଧାୟକ ଶ୍ରୀ ରାଉତରାୟ କହିଛନ୍ତି, ମୁଁ କାରଣ ଦର୍ଶାଅ ନୋଟିସ୍ ପାଇଛି । ତା' ଉତ୍ତର ଦେବି । ସେମିତି କିଛି ବିରାଟ ଭୁଲ୍ କରିନି ଯେ ମୁଁ ଉତ୍ତର ଦେବିନି । ମୁଁ ଯାହା କହିଛି, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିଜେ ସେହି କଥା କହିଥିଲେ । ଜୟଦେବ ଜେନା ବି କହିଥିଲେ । ଆଉ ମୁଁ କହିଦେଲି ଯେ କ'ଣ ଭାସିଗଲା ?ସେ ଆହୁରି କହିଛନ୍ତି, ମୁଁ ନବୀନ ନିବାସ ପଟେ ଯାଉଥିଲି । ସାମ୍ବାଦିକ ଭାଇମାନେ ଘେରି ଗଲେ । ସେମାନେ କହିଲେ ବିଜେଡି ପଞ୍ଚାୟତ ଓ ମ୍ୟୁନିସିପାଲିଟିରେ ୯୦ ଭାଗ ଜିତି ସମୀକ୍ଷା କରୁଛନ୍ତି କେମିତି ୧୦୦ ଭାଗ ନେବ । ଏହା ଶୁଣି ମୁଁ କହିଲି ତାଙ୍କର ତ ସବୁ । ନବୀନ ବାବୁଙ୍କର ସବୁ । ତା'ପରେ ସାମ୍ବାଦିକମାନେ ପଚାରିଲେ ନିରଞ୍ଜନ ପଟ୍ଟନାୟକ କ'ଣ ତାଙ୍କର ? ମୁଁ କହିଲି ନିରଞ୍ଜନ ତାଙ୍କର । ଚେଲା କୁମାର ବି ତାଙ୍କର । କହୁ କହୁ କହିଦେଲି, ଗୋଟେ ସ୍ଲିପ୍ କରି ଗଲା । କ'ଣଟା ଭାସିଗଲା ସେଠୁ । ଏୟା ହୋଇଛି କଥା । ଏହା ସହିତ ମୁଁ କହିଥିଲି, ସମସ୍ତେ ଶୁଣିଥାଅ କଂଗ୍ରେସ ଏକ ଜାତୀୟ ଦଳ । ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଏହାର ନେତା । ଆମେ ସବୁ କ୍ୟାଡର । ଆମକୁ କେହି ପରିବର୍ତ୍ତନ କରିପାରିବେନି ।

## ୪୩ ଡିଗ୍ରୀ ଉପରେ ୯ ସହର , ବୌଦ୍ଧ ସବୁଠୁ ଉତପ୍ତ

ଭୁବନେଶ୍ୱର, ୨୬।୪(ପି.ଏନ): ସାରା ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ । ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ଅପରପକ୍ଷରେ ମଙ୍ଗଳବାର ବୌଦ୍ଧ ପାଲଟିଛି ରାଜ୍ୟର ସର୍ବାଧିକ ଉତପ୍ତ ସହର । ଏଠାରେ ଆଜି ଦିନର ସର୍ବାଧିକ ତାପମାତ୍ରା ୪୪.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ବୌଦ୍ଧ ସମେତ ମୋଟ ୯ଟି ସହରର ତାପମାତ୍ରା ୪୩ ଡିଗ୍ରୀ ବା ଏହା ଉପରେ ରେକର୍ଡ କରାଯାଇଛି । ସେହିପରି ୧୪ ସହରର ତାପମାତ୍ରା ୪୨ ଡିଗ୍ରୀ ବା ଏହା ଉପରେ ରହିଥିବା ବେଳେ ୨୨ ସହରରେ ୪୦ ବା ଏହାଠାରୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଅନୁଗୋଳର ତାପମାତ୍ରା ୪୩.୧ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବାରିପଦାରେ ୪୩.୮, ଝାରସୁଗୁଡ଼ାରେ ୪୩.୯, ସମ୍ବଲପୁରରେ ୪୩.୧, ସୁନ୍ଦରଗଡ଼ରେ ୪୩, ବଲାଙ୍ଗିରରେ ୪୩.୮, ଟିଟିଲାଗଡ଼ରେ ୪୩.୫ ଓ ସୋନପୁରରେ ୪୩.୬ ଡିଗ୍ରୀ ରହିଥିଲା । ହୀରାକୁଦର ତାପମାତ୍ରା ୪୨.୩ ଡିଗ୍ରୀ ରହିଥିବା ବେଳେ ଭବାନୀପାଟଣାରେ ୪୨, ଦେବଗଡ଼ରେ ୪୨.୮, ବରଗଡ଼ରେ ୪୨ ଓ ଖୋର୍ଦ୍ଧାରେ ୪୨ ଡିଗ୍ରୀ ସେଲସିୟସ ରହିଥିଲା । କେନ୍ଦୁଝରରେ ତାପମାତ୍ରା ୪୧.୩ ଡିଗ୍ରୀ ରହିଥିବା ବେଳେ ଭଦ୍ରକରେ ୪୧, ଯାଜପୁରରେ ୪୧, ନୂଆପଡ଼ାରେ ୪୧, ନୟାଗଡ଼ରେ ୪୧ ଓ ପାରଳାଖେମୁଣ୍ଡିରେ ୪୧.୭ ଡିଗ୍ରୀ ରେକର୍ଡ କରାଯାଇଥିଲା । ରାୟଗଡ଼ାର ତାପମାତ୍ରା ୪୦.୧ ଡିଗ୍ରୀ ରହିଥିଲା । ଭୁବନେଶ୍ୱରରେ ତାପମାତ୍ରା ୩୯.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କଟକରେ ୩୮.୮ ଡିଗ୍ରୀ ରେକର୍ଡ ହୋଇଛି । ଗ୍ରୀଷ୍ମ ପ୍ରବାହ ନେଇ ଆଜି ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ୯ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଏହି ୯ଟି ଜିଲ୍ଲା ପାଇଁ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଭାରତୀୟ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ପରିସ୍ଥିତିକୁ ଦେଖି ପଦକ୍ଷେପ ନେବାକୁ ଜିଲ୍ଲାପାଳ ମାନଙ୍କୁ କୁହାଯାଇଛି ।ଏହି ୯ଟି ଜିଲ୍ଲା ହେଉଛନ୍ତି- ଅନୁଗୋଳ, ବୌଦ୍ଧ, ବଲାଙ୍ଗିର, ଦେବଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ।

## କାଲିଠାରୁ ଲକ୍ଷ୍ମୀପୁର ରୋଡ ରେ ରହିବ ହିରାଖଣ୍ଡ, ସମଲେଶ୍ୱରୀ ଓ ରାଉରକେଲା-ଜଗଦଳପୁର ଏକ୍ସପ୍ରେସ

ଭୁବନେଶ୍ୱର, ୨୬।୪(ପି.ଏନ): ହିରାଖଣ୍ଡ, ସମଲେଶ୍ୱରୀ ଏବଂ ରାଉରକେଲା-ଜଗଦଳପୁର ଏକ୍ସପ୍ରେସ ଟ୍ରେନ କୁ ଲକ୍ଷ୍ମୀପୁର ରୋଡ ଠାରେ ଏବଂ ବିଶାଖାପାଟନମ୍-କିରାଣ୍ଡୁଲ୍ ଏକ୍ସପ୍ରେସ୍ ଟ୍ରେନ କୁ ବାଚେଲି ଠାରେ ରହଣି ଦେବା ପାଇଁ ନିକଟରେ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲା ଗସ୍ତ ସମୟରେ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ । ଏହାକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ଆସନ୍ତା ବୁଧବାର ଠାରୁ ଏହି ଷ୍ଟେସନ ମାନଙ୍କରେ ଉପରୋକ୍ତ ଟ୍ରେନ ଗୁଡିକର ରହଣି ଦେବାପାଇଁ ନିଷ୍ପତି ନେଇଛି । ୧୮୪୪୭/୧୮୪୪୮ ଭୁବନେଶ୍ୱର-ଜଗଦଳପୁର-ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସ ଭୁବନେଶ୍ୱର ରୁ ୨୭ ଏପ୍ରିଲ୍ ଠାରୁ ଏବଂ ଜଗଦଳପୁରରୁ ୨୬ ଏପ୍ରିଲ ଠାରୁ ଲକ୍ଷ୍ମୀପୁର ରୋଡ ଷ୍ଟେସନ ଠାରେ ରହଣି କରିବ । ଭୁବନେଶ୍ୱରରୁ ଏହି ଟ୍ରେନ୍ ଲକ୍ଷ୍ମୀପୁର ରୋଡରେ ସକାଳ ୭ଟା୧୦ରେ ପହଂଚି ସକାଳ ୭ଟା୧୨ମି.ରେ ଛାଡିବ । ଜଗଦଳପୁରରୁ ଏହି ଟ୍ରେନ୍ ସନ୍ଧ୍ୟା ୮ଟା୩୦ରେ ଲକ୍ଷ୍ମୀପୁର ରୋଡରେ ପହଂଚି ୮ଟା୩୨ରେ ଛାଡିବ ।ସେହିପରି ୧୮୦୦୫/୧୮୦୦୬ ହାଓଡ଼ା-ଜଗଦଳପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ହାଓଡ଼ା ରୁ ୨୬ ଏପ୍ରିଲ୍ ଠାରୁ ଏବଂ ଜଗଦଳପୁରରୁ ୨୭ ଏପ୍ରିଲ ଠାରୁ ଲକ୍ଷ୍ମୀପୁର ରୋଡରେ ଷ୍ଟେସନ ଠାରେ ରହଣି କରିବ । ହାଓଡ଼ାରୁ ଏହି ଟ୍ରେନ୍ ଅପରାହ୍ନ ୫ଟା୪୦ରେ ଲକ୍ଷ୍ମୀପୁର ରୋଡ ଠାରେ ପହଂଚି ଅପରାହ୍ନ ୫ଟା୪୨ରେ ଛାଡିବ । ଜଗଦଳପୁରରୁ ଏହି ଟ୍ରେନ୍ ଲକ୍ଷ୍ମୀପୁର ରୋଡରେ ସକାଳ ୮ଟା୫୦ମିରେ ପହଂଚି ସକାଳ ୮ଟା୫୨ମି.ରେ ଛାଡିବ । ୧୮୧୦୭/୧୮୧୦୮ ରାଉରକେଲା-ଜଗଦଳପୁର-ରାଉରକେଲା ଏକ୍ସପ୍ରେସ ରାଉରକେଲା ରୁ ୨୭ ଏପ୍ରିଲ୍ ଠାରୁ ଏବଂ ଜଗଦଳପୁରରୁ ୨୬ ଏପ୍ରିଲ ଠାରୁ ଲକ୍ଷ୍ମୀପୁର ରୋଡରେ ରହଣି କରିବ । ରାଉରକେଲା ଠାରୁ ଏହି ଟ୍ରେନ୍ ଲକ୍ଷ୍ମୀପୁର ରୋଡରେ ସକାଳ ୫ଟା୨୪ରେ ପହଂଚି ସକାଳ ୫ଟା୨୬ରେ ଛାଡିବ ।

## ପ୍ରକୃତି ରଚିବ ତାଣ୍ଡବ, ବର୍ଷକୁ ସାମ୍ନା କରିବାକୁ ପଡିବ ୫୬୦ ବିପର୍ଯ୍ୟୟ !

ନୂଆଦିଲ୍ଲୀ, ୨୬।୪(ପି.ଏନ): ଜଳବାୟୁ ପରିବର୍ତ୍ତନର ଭୟଙ୍କର ସ୍ଥିତିର ସମ୍ମୁଖୀନ ହେବ ପୂରା ବିଶ୍ୱ । ଜଳବାୟୁ ପରିବର୍ତ୍ତନ ଯୋଗୁ ଆଗାମୀ ୮ ବର୍ଷ ସୁଦ୍ଧା ବିଶ୍ୱକୁ ବଡବଡ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିବ । ଜୀବନ ଓ ଜୀବିକାକୁ ଗୁରୁତର ଭାବେ ପ୍ରଭାବିତ କରିପାରେ ପ୍ରକୃତିର ତାଣ୍ଡବ ରୂପ । ମିଳିତ ଜାତିସଂଘ ପ୍ରସ୍ତୁତ କରିଥିବା ରିପୋର୍ଟରେ ୨୦୩୦ ସୁଦ୍ଧା ପୂରା ବିଶ୍ୱ ବର୍ଷକୁ ୫୬୦ଟି ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରେ ବୋଲି କୁହାଯାଇଛି ।ଟଘଉଜଜ ତା'ର ବିଶ୍ୱସ୍ତରୀୟ ରିପୋର୍ଟରେ କହିଛି ଯେ ଆଗକୁ ପୂରା ବିଶ୍ୱ ଅନେକ ବିପର୍ଯ୍ୟୟର ସମ୍ମୁଖୀନ ହେବ । ପ୍ରକୃତିର ତାଣ୍ଡବ ଯୋଗୁ କେଉଁଠି ନିଆଁ ଲାଗିବ ତ ଆଉ କେଉଁ ବାତ୍ୟା ଓ ବନ୍ୟା ଭଳି ସ୍ଥିତି ଦେଖାଯିବ । ଏହାବାଦ ମହାମାରୀ ଓ ରାସାୟନିକ ଦୁର୍ଘଟଣା ଭଳି ବିପଜ୍ଜନକ ବିପର୍ଯ୍ୟୟର ସମ୍ମୁଖୀନ ମଧ୍ୟ କରିବାକୁ ପଡିପାରେ ।୨୦୩୦ ସୁଦ୍ଧା ଏହି ବିପର୍ଯ୍ୟୟର ସଂଖ୍ୟା ପ୍ରତିବର୍ଷ ୫୬୦ ରହିବାର ଆଶଙ୍କା କରାଯାଉଛି । ଅର୍ଥାତ୍ ପ୍ରତିଦିନ ୧.୫ଟି ବିପର୍ଯ୍ୟୟ ବା ଦୁର୍ବିପାକକୁ ସାମ୍ନାକୁ କରିବାକୁ ହେବ । ବିପର୍ଯ୍ୟୟ ଯୋଗୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବିପଦରେ ପଡିପାରେ । ୨୦୧୫ରେ ବର୍ଷକୁ ସର୍ବାଧିକ ୪୦୦ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିଥିଲା । ହେଲେ ଏବେ ଏହା ବର୍ଷକୁ ୫୬୦ ଛୁଇଁବ । ୧୯୭୦ରୁ ୨୦୦୦ ମଧ୍ୟରେ ସମଗ୍ର ବିଶ୍ୱରେ ୯୦ରୁ ୧୦୦ଟି ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା ।ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରକୃତିରେ ଆଶ୍ଚର୍ଯ୍ୟଜନକ ଭାବେ ପରିବର୍ତ୍ତନ ଘଟୁଛି । ବିକାଶ ନାଁରେ ପ୍ରକୃତିକୁ କ୍ଷତି ପହଞ୍ଚା ଯାଉଛି । ଏହାର ପ୍ରଭାବ ମଧ୍ୟ ଧୀରେଧୀରେ ଅନୁଭବ ହେଲାଣି । ତୁରନ୍ତ ଏହାକୁ ବନ୍ଦ ନ କରାଗଲେ ସ୍ଥିତି ଆହୁରି ଭୟଙ୍କର ହେବ ବୋଲି ରିପୋର୍ଟ ପ୍ରସ୍ତୁତ କରିଥିବା



ୟୁଏନଡିଆରଆର ମୁଖ୍ୟ କହିଛନ୍ତି ।ରିପୋର୍ଟରେ କୁହାଯାଇଛି ଯେ ୨୦୩୦ରେ ଭୟଙ୍କର ହିଟୱେଭ ବା ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ । ୨୦୦୧ରେ ଯେତିକି ହିଟ୍ ?ୱେଭ ଅନୁଭୂତ ହେଉଥିଲା ୨୦୩୦ରେ ତା'ଠାରୁ ୩ ଗୁଣ ଅଧିକ ଭୟଙ୍କର ସ୍ଥିତି ସୃଷ୍ଟି ହେବ । ସେହିପରି ୩୦% ଅଧିକ ମରୁଡି ସ୍ଥିତିର ସମ୍ମୁଖୀନ ହେବ ପୂରା ବିଶ୍ୱ । ରିପୋର୍ଟରେ କେବଳ ପ୍ରାକୃତି ବିପର୍ଯ୍ୟୟ କଥା କୁହାଯାଇନି, ମହାମାରୀ କରୋନା, ଆର୍ଥିକ ବିପର୍ଯ୍ୟୟ, ଖାଦ୍ୟାଭାବ ଭଳି ଦୁର୍ବିପାକ ସମ୍ପର୍କରେ ମଧ୍ୟ ଆଲୋକପାତ କରାଯାଇଛି ।୧୯୯୦ରେ ବିପର୍ଯ୍ୟୟଗୁଡିକ ଯୋଗୁ ପ୍ରତିବର୍ଷ ୭୦୦୦ କୋଟି ଡଲାରର କ୍ଷତି ହେଉଥିଲା । ହେଲେ ଏବେ ବର୍ଷକୁ ୧୭୦୦୦ କୋଟି ଡଲାରର କ୍ଷତି ସହୁଛି ପୂରା ବିଶ୍ୱ । ବିପର୍ଯ୍ୟୟ ବିକାଶଶୀଳ ଦେଶଗୁଡିକୁ ଅଧିକ ମାତ୍ରାରେ ପ୍ରଭାବିତ କରିଥାଏ । ବିପର୍ଯ୍ୟୟ ଯୋଗୁ ଏପରି ଦେଶଗୁଡିକ ପ୍ରତି ବର୍ଷ ହାରାହାରି ନିଜ ଜିଡିପିର ୧% କ୍ଷତି ସହିବାକୁ ପଡୁଥିବା ବେଳେ ବିକଶିତ ରାଷ୍ଟ୍ରଗୁଡିକର କ୍ଷତି ୦.୧ରୁ ୦.୩% ରହିଛି ।ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳଗୁଡିକ ସବୁଠାରୁ ଅଧିକ କ୍ଷତି ସହୁଛନ୍ତି । ଏହି ଅଞ୍ଚଳରେ ଥିବା ଦେଶଗୁଡିକ ବାର୍ଷିକ ସେମାନଙ୍କ ଜିଡିପିର ୧.୬% ବିପର୍ଯ୍ୟୟ ଯୋଗୁ ହରାଉଛନ୍ତି ।









## ଟି ଟାଇମ୍

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ଼ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୁର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରିରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ଦ୍ଫ୍ରି ଲଭ କମ୍ୟୁନିଟଓ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ସାହିତ୍ୟ ସନ୍ନ୍ୟାସୀ-ମନୋଜ ଦାସ



ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଳପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମା'ଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ।

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

**ଅକ୍ଷୟ କୁମାର ରାଉତ**, ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ.ନଂ.-୯୯୩୭୬୯୧୪୭୫



# କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ





ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଠାରେ ଜନ୍ମିତ ଜଣେ ଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲେ। ରାଜା ଗୌରଚନ୍ଦ୍ର ଦେବ (ଦ୍ୱିତୀୟ) ଓ ରାଣୀ ବିଷ୍ଣୁପ୍ରିୟା ଦେବୀଙ୍କର ଜ୍ୟେଷ୍ଠ ପୁତ୍ର ଭାବେ କୃଷ୍ଣଚନ୍ଦ୍ର ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ରାଜକୀୟ ବିଳାସବ୍ୟସନ ଠାରୁ ଦୂରରେ ରହି ଜନସେବାକୁ ଗୁରୁତ୍ୱ ଦେଇଥିଲେ। କଲେଜରେ ପଢ଼ିଲାବେଳେ କିଶୋର କୃଷ୍ଣଚନ୍ଦ୍ର ସର୍ବଦା ପାରଳାଖେମୁଣ୍ଡି ଏବଂ ଓଡ଼ିଆ ଜାତିର ଉନ୍ନତି ବିଷୟରେ ଚିନ୍ତା କରୁଥିଲେ। ଶିକ୍ଷାର ବିକାଶ ପାଇଁ ସେ ବହୁଗୁଡ଼ିଏ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପନା କରାବା ସହ ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଓ ଗରିବ ଛାତ୍ରଙ୍କୁ ବିଦ୍ୟାଶିକ୍ଷା ପାଇଁ ଆର୍ଥିକ ସହାୟତା କରିଥିଲେ। ନାରୀଶିକ୍ଷା ପାଇଁ ସେ ପାରଳାଖେମୁଣ୍ଡିରେ ଏକ ବାଳିକା ବିଦ୍ୟାଳୟ ସ୍ଥାପନା କରିଥିଲେ। କୃଷ୍ଣଚନ୍ଦ୍ରଙ୍କ ପ୍ରଧାନ ଲକ୍ଷ୍ୟ ଥିଲା ଓଡ଼ିଶାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିକାଶ ଘଟାଇ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନା କରିବା। ତାଙ୍କ ପ୍ରଚେଷ୍ଟା କ୍ରମେ ହିଁ ଉତ୍କଳ ବିଶ୍ୱବିଦ୍ୟାଳୟ ଗଠନ ହେବାର ନିଷ୍ପତ୍ତି ହୋଇଥିଲା। ଏହା ବ୍ୟତୀତ ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳର ଏକତ୍ରୀକରଣ କରିବାକୁ ସେ ଶପଥ ଗ୍ରହଣ କରିଥିଲେ। ପାରଳାଖେମୁଣ୍ଡି ଠାରେ ୧୯୧୪ ମସିହା ଡିସେମ୍ବର ୨୭ ଓ ୨୮ ତାରିଖରେ ସେ ଦଶମ ଉତ୍କଳ ସମ୍ମିଳନୀ ଆହୂତ କରି ନିଜର କର୍ମକୁଶଳତା ଦେଖାଇଥିଲେ। ସେଠାରେ ପ୍ରଥମ ଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ। ଶେଷରେ ତାଙ୍କ ଦ୍ୱାରା ଲେଖା ମେମୋରେଣ୍ଡମରେ ଓଡ଼ିଶା ସହିତ ପାରଳାଖେମୁଣ୍ଡି ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବିକୁ ଇଂରେଜ ସରକାର ଅଗ୍ରାଧିକାର ଦେଇ ଏହାକୁ ଓଡ଼ିଶାରେ ଅନ୍ତର୍ଗତ କରିଥିଲେ ଓ ୧୯୩୬ ମସିହା ଅପ୍ରେଲ ପହିଲାରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ମିଳିଥିଲା। ନିଜ ଶାସନ କାଳରେ ସେ କୃଷି ଓ ଶିଳ୍ପ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ତେବେ ୧୯୭୪ ମସିହା ମଇ ୨୫ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

**ଡଃ. ଅରୁନ୍ଧତୀ ଦେବୀ**, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ନବୀନ ସରକାରରେ ବିଜେବି କଲେଜର ଗରିମାକୁ ନଷ୍ଟ କରାଯାଉଛି

ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱର ଜିଲ୍ଲା ମଧ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ସାହାରୁଖ ଖାନଙ୍କ ନେତୃତ୍ୱରେ ବିଜେବି ସ୍ୱୟଂଶାସିତ କଲେଜ ଆଡମିସନ ଜାଲିଆତି ପ୍ରତିବାଦରେ ବିଜେବି କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜ ଏହି ବିକ୍ଷୋଭରେ ଯୋଗଦେଇ କହିଥିଲେ ଯେ ବିଜେବି ସ୍ୱୟଂଶାସିତ କଲେଜ ହେଉଛି ଓଡ଼ିଶାରେ ଶିକ୍ଷାର କୋଣାର୍କ। ସେଠାରେ ହୋଇଥିବା ଆଡମିସନ ଜାଲିଆତି କଲେଜର ଗରିମାକୁ ନଷ୍ଟ କରିଛି। ଏଥିରେ ସାରା ରାଜ୍ୟର ଛାତ୍ରଛାତ୍ରୀ ମର୍ମାହତ। ଜାଲ ଦିବ୍ୟାଙ୍ଗ ସାର୍ଟିଫିକେଟ ଯୋଗାଡ଼ କରି ଯୁକ୍ତ ୩ ବିଜ୍ଞାନ ଏବଂ ଅନ୍ୟାନ୍ୟ ବିଭାଗରେ ଆଡମିଶନ କରାଯାଇଛି। ଏଥିରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଅନ୍ୟାୟ ହୋଇଛି। ମାନସ ବେଜ ଓ ନିରଂଜନ ମହାରଣା ନାମକ ଯେଉଁ ଦଲାଲ ଦୁଇଜଣ ଏହି ଆଡମିଶନ ର୍‍ୟାକେଟରେ ସଂପୃକ୍ତ ସେମାନେ ବିଜେଡ଼ି ଦଳର କର୍ମକର୍ତା ଏବଂ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡାଙ୍କ ଅତି ଘନିଷ୍ଠ ବୋଲି ସମସ୍ତେ ଜାଣନ୍ତି। ସେମାନଙ୍କୁ ମନ୍ତ୍ରୀ ଶ୍ରୀ ପଣ୍ଡା ସୁରକ୍ଷା ଦେଉଛନ୍ତି ବୋଲି ଆଲୋଚନା ହେଉଛି। ଯଦିବା ସେମାନଙ୍କୁ ପୋଲିସ୍ ଗିରଫ କରିଛି, ସେମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନହେବାକୁ ମନ୍ତ୍ରୀଙ୍କ ଆଡୁ ଚାପ ପଡୁଛି ବୋଲି ଅଭିଯୋଗ ହେଉଛି। ଭଦ୍ରକ କଲେଜରେ ସେହିଭଳି ଦିବ୍ୟାଙ୍ଗମାନଙ୍କର ସାର୍ଟିଫିକେଟକୁ ଜାଲିଆତି କରି ଆଡମିଶନ କରାଯାଇଛି। ସେହି ଆଡମିଶନରେ ବିଜେଡି ଦଳର କର୍ମକର୍ତା, କଲେଜ କର୍ତୃପକ୍ଷ, ଅଧ୍ୟକ୍ଷ ଓ ପରୋକ୍ଷ ଭାବରେ ସ୍ଥାନୀୟ ବିଧାୟକଙ୍କର ସଂପୃକ୍ତି ଥିବାବେଳେ ଚକ୍ରାନ୍ତ କରି ସେହି ଘଟଣାକୁ ଚପାଇ ଦିଆଯାଇଛି। ସେହିଭଳି ବିଜେବି କଲେଜରେ ତଦନ୍ତ ଭାର ଅଧ୍ୟକ୍ଷ ନେଇଛନ୍ତି। ଅଧ୍ୟକ୍ଷ, କଲେଜ ଆଡମିଶନ ଦାୟିତ୍ୱରେ ଥିବା କର୍ତୃପକ୍ଷ ଏବଂ ଆଡମିଶନ ଦଲାଲଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ବେଳେ ଅଧ୍ୟକ୍ଷଙ୍କ ତଦନ୍ତ ନିରପେକ୍ଷ ରହିବ ନାହିଁ। ଏଣୁ ଏହାର ବିଚାର ବିଭାଗୀୟ ତଦନ୍ତ ହେବାସହ ତଦନ୍ତ ପରିସରକୁ ମନ୍ତ୍ରୀ ଅଶୋକ ପଣ୍ଡା ଏବଂ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଅରୁଣ ସାହୁଙ୍କୁ ଆଣିବାପାଇଁ ଛାତ୍ର କଂଗ୍ରେସ ଦାବି କରୁଛି। କାରଣ ସାରା ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ କଲେଜରେ ଏହିଭଳି ଆଡମିଶନ ଜାଲିଆତି ଚାଲୁଥିଲା ବେଳେ ଓଡ଼ିଶା ସରକାରଙ୍କର ଶିକ୍ଷାବିଭାଗ ଶୋଇପଡ଼ିଛି ଅଥବା ସେମାନଙ୍କ ଜାଣତରେ ଏହି କାର୍ଯ୍ୟ ଚାଲିଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସଂପାଦକ ରଜତ ଚୌଧୁରୀ, ନିହାର ବେହେରା, ନଳିନୀକାନ୍ତ ନାୟକ, ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଜଗଦିଶ ଗଜେନ୍ଦ୍ର, ବିଶ୍ୱଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, ନିତେଶ ବେହେରା, ଉଦିତ ପ୍ରଧାନ, ନିଆଜୁଲ ଇସଲାମ, ଖିରୋଜ ଖାନ, ଚନ୍ଦନ ସାହୁ, ସର୍ଫରାଜ, ସୁମନ୍ତ ବେହେରା, ଆରିୟାନ ସାସମଲ, ରାଜଲକ୍ଷ୍ମୀ ସାହୁ, ପ୍ରମୋଦିନୀ ସାହୁ, ବିଶ୍ୱଜିତ ସାହୁ, ପିଙ୍କୁ ପ୍ରଧାନ, ସୈଫଅଲ୍ଲି ଖାନ, ରିଆଜ ଉଦ୍ଦିନ, ଇର୍‌ସାଦ ପ୍ରମୁଖ ଶତାଧିକ ଛାତ୍ର କଂଗ୍ରେସ କର୍ମୀ ଓ କର୍ମକର୍ତା ଅଂଶଗ୍ରହଣ କରିଥିଲେ।

# ଜଙ୍ଗଲରୁ ଯୁବକଙ୍କର ମୃତଦେହ ଉଦ୍ଧାର



କୋଣାର୍କ (ପିଏନ୍)-ଗତ ରବିବାର ସକାଳ ସମୟରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ସମ୍ମୁଖସ୍ଥ ଝାଉଁ ଜଙ୍ଗଲ ମଧ୍ୟରୁ ଜଣେ ଯୁବକଙ୍କ ଝୁଲନ୍ତା ଶବକୁ କୋଣାର୍କ ପୋଲିସ ଉଦ୍ଧାର କରିଛି। ଘଟଣାରୁ ପ୍ରକାଶ ନିମାପଡା ଥାନା ଅର୍ନ୍ତତ ତେରୁଣ୍ଡିଆ ଗ୍ରାମର ଛଇଲ ପ୍ରତିହାରୀଙ୍କ ପୁତ୍ର ମୁନା ପ୍ରତିହାରୀ ୨୩ ବର୍ଷ ଗତ ୨୧ ତାରିଖରୁ ଘରୁ ଆସି ଆଉ ଘରକୁ ଫେରିନଥିଲେ। ମୁନା ଘରକୁ ନ ଆସିବାରୁ ତାର ପରିବାର ଲୋକେ ସେ ବ୍ୟବହାର କରୁଥିବା ମୋବାଇଲି ଫୋନକୁ ରିଙ୍ଗ କରିବା ସହ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ମୋବାଇଲ ଲୋକେସନରୁ ମୁନା କୋଣାର୍କରେ ଥିବା ଖବର ପାଇ ତାର ପରିବାର ଲୋକେ କୋଣାର୍କରେ ଖୋଜା ଖୋଜି କରୁଥିଲେ। ରବିବାର ସକାଳୁ ଶୌଚ ହେବା ପାଇଁ ଯାଇଥିବା ଲୋକେ ଜଙ୍ଗଲ ମଧ୍ୟରେ ଝୁଲନ୍ତା ଶବକୁ ଦେଖି ପୋଲିସକୁ ଖବର ଦେଇଥିଲେ। ସୂଚନା ପାଇ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଏ ସମ୍ପର୍କରେ ଖବର ପାଇ ମୁନାର ପରିବାର ସଦସ୍ୟ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଚିହ୍ନଟ କରିଥିଲେ। କୋଣାର୍କ ପୋଲିସ ପକ୍ଷରୁ ଏକ ମାମଲା ରୁଜ କରାଯାଇ ଥିବା ବେଳେ ଏସଆଇ ନବକିଶୋର ବେହେରା ଓ ସିଆଇ ହାବିଲଦାର ରାଜକିଶୋର ତ୍ରିପାଠୀ ତଦନ୍ତ କରୁଛନ୍ତି। ଫରେନସିକ ଟିମି ଆସିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିରେ ଝୁଲନ୍ତା ଶବକୁ ଉଦ୍ଧାର କରି ବ୍ୟବଛେଦ ନିମନ୍ତେ ପୁରୀକୁ ପଠାଇ ଦିଆଯାଇଛି। ଶବଟି ଫୁଲିଯାଇଥିବା ବେଳେ ଦୁର୍ଗନ୍ଧ ବାହାରୁଥିଲା। ଘଟଣା ସ୍ଥଳରୁ ଏକ ଲଗେଜ ବ୍ୟାଗ, ଆଧାର କାର୍ଡ, ମୋବାଇଲ ଫୋନ ଇତ୍ୟାଦି ଜବତ କରାଯାଇଛି। ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ମୁନାର ପରିବାର ଅଭିଯୋଗ କରିଛନ୍ତି।

## କଂଟାବାଡ ପଂଚାୟତର ବିକାଶ ସମ୍ବନ୍ଧୀୟ ଆଲୋଚନା

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ପଂଚାୟତର ବିକାଶ ସମ୍ବନ୍ଧୀୟ ଆଲୋଚନା କାର୍ଯ୍ୟକ୍ରମ ପୂର୍ବତନ ସମିତି ସଭ୍ୟ ଶିଶିର କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ରାସ୍ତାଘାଟ, ଭତା ସମେତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ କହିଥିବା ବେଳେ ବଡବେରଣା ପଂଚାୟତର ନବନିର୍ବାଚିତ ସରପଂଚ ଅସିତ କୁମାର ତ୍ରିପାଠୀଙ୍କୁ ସମନ୍ୱୟ ରଖିବାପାଇଁ ଦାୟିତ୍ୱ ଦିଆଯାଇଥିଲା। ଏଥିରେ ଶିକ୍ଷାବିତ ରାଜ କିଶୋର ପାଣିଗ୍ରାହୀ,ପୂର୍ବତନ ସରପଂଚ ପୂର୍ଣ୍ଣ ଚନ୍ଦ୍ର ବେହେରା,ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାଁ,ସମାଜସେବୀ ଶିବ ନାରାୟଣ ମିଶ୍ର, ରଂଜନ କୁମାର ବେହେରା,ଦିଲୀପ କୁମାର ପାଣିଗ୍ରାହୀ,ଶ୍ରୀକାନ୍ତ କୁମାର ବାହିନୀପତି,ପୂର୍ଣ୍ଣ ଚନ୍ଦ୍ରମହାପାତ୍ର ଓ ଲକ୍ଷ୍ମୀଧର ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇ ନିଜର ମତ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ପଂଚାୟତର ଉନ୍ନତି ନିମିତ ଏକ କମିଟି ଗଠନ କରାଯିବ ବୋଲି ନିଷ୍ପତି ହୋଇଥିଲା।

## କଂଗ୍ରେସର ମିଶ୍ରଣ ପର୍ବ

ଚଣ୍ଡିଖୋଲ (ପି.ଏନ.)-ବଡଚଣାର କଂଗ୍ରେସ ନେତା କ୍ୟାପେଟନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱ ପ୍ରତି ଆଶା ପ୍ରକଟ କରି ବଡଚଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତବସନ୍ତ ପଂଚାୟତର ବହୁ ସଂଖ୍ୟାରେ ବିଜେଡି ଓ ବିଜେପି କର୍ମୀମାନେ କଂଗ୍ରେସର ସାମିଲ ହୋଇଛନ୍ତି। ଏ ମିଶ୍ରଣ ପରିପ୍ରେକ୍ଷୀରେ ଗଡଜିତ ଛକଠାରେ ଏକ ମିଶ୍ରଣ ପର୍ବ ସଭା ବଡଚଣା ବ୍ଲକ କଂଗ୍ରେସ ପକ୍ଷରୁ ସଭାପତି ଉମେଶ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ସେଲର ଉପାଧ୍ୟକ୍ଷ ତଥା ବଡଚଣାର କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ବଡଚଣା ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ନିରଞ୍ଜନ ସାହୁ, ବ୍ଲକ କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ୍ତ ମହାନ୍ତି, ଯୁବନେତା ପ୍ରବୀର ବଳ ପ୍ରମୁଖ ଯୋଗ ଦେଇଥିଲେ। ବଡଚଣାର ବିଜେଡି ଶାସନ ଯେଉଁଭଳି ଭାବେ ବ୍ୟାପକ ଧରଣର ଦୁର୍ନୀତିରେ ଚାଲୁ ରହିଛି ଓ ବଡଚଣାରେ ନେତୃତ୍ୱ ବିହୀନ ବଜେଡି ସଂଗଠନ ଚାଲିଛି, କେନ୍ଦ୍ର ପକ୍ଷରୁ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଘଟିଛି। ରାଜ୍ୟ ସରକାର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ବୃଦ୍ଧି ଘଟାଇଥିବାରୁ ସର୍ବଶ୍ରୀ ମାନସ ମଲିକ, ବିକାଶ ମଲିକ, କାଳିଆ ମଲିକ, ଗୋଲା ମଲିକ, ଶିବ ମଲିକ, ଜଳଧର ଦଲେଇ, ପାକନ ଦଲେଇ, ମହନ ଦଲେଇ, ମହେନ୍ଦ୍ର ଦଳାଇ, ଭାଗବତ ଦଳାଇ, ପଂଚୁ ଦାସ, ଧୁମା ଦାସ, ମନୁଆ ଦଳାଇ, ସତ୍ୟାନନ୍ଦ ବଳସାମନ୍ତ ସମେତ ବହୁ ସଂଖ୍ୟାରେ ବିଜେଡି, ବିଜେପି କର୍ମୀ ସରକାରଙ୍କୁ କଟୁ ସମାଲୋଚନା କରି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। କଂଗ୍ରେସ କ୍ୟାପଟେନ ମହାପାତ୍ର କଂଗ୍ରେସର ସାମିଲ ହୋଇଥିବା ସମସ୍ତ କର୍ମ ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରି ରଖିଥିଲେ। ଆସନ୍ତା ଦିନରେ କଂଗ୍ରସ ସଂଗଠନ ଆଗେଇ ଚାଲିବ ବୋଲି ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା ପ୍ରକାଶ କରିଥିଲେ।

# ଆଧ୍ୟାତ୍ମିକ ସମାଜ ସେବିକା ରୁକ ମଣୀ ସାହୁଙ୍କ ପରଲୋକ



କଟକ (ପିଏନ୍): ଓଡ଼ିଶାରେ ମହିଳା ଆଧ୍ୟାତ୍ମିକ ସମାଜ ସେବା ଓ ନୈତିକ ମୂଲ୍ୟବୋଧର ପ୍ରତୀକ ରୁକ ମଣୀ ସାହୁଙ୍କ ପରଲୋକ ହୋଇଛି। ରାଘବାନନ୍ଦ ସାହୁଙ୍କ ସହଧର୍ମିଣୀ ରୁକ ମଣୀ ଦେବୀଙ୍କ କର୍ମକ୍ଷେତ୍ର ଥିଲା କେନ୍ଦ୍ରାପଡ଼ା ରାଜକନିକାର ବରୁଣାଡିଆ ଗ୍ରାମ। ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ସମାଜ ସେବା ସହିତ ସକ୍ରିୟ ଥିଲେ ଓ ନିଜ ଅଞ୍ଚଳରେ ଆଧ୍ୟାତ୍ମିକ କ୍ଷେତ୍ରରେ ବିଶେଷତଃ ଧର୍ମ କାର୍ଯ୍ୟରେ ନିୟୋଜିତ ରହିଥିଲେ। ତାଙ୍କ ପରଲୋକ ସମୟରେ ସ୍ୱାମୀ ରାଘବାନନ୍ଦ ସାହୁ, ପୁତ୍ର ନିରଞ୍ଜନ ସାହୁ, ତପନ କୁମାର ସାହୁ, ଆଶିସ କୁମାର ସାହୁ, ପୁତ୍ରବଧୂ ପ୍ରମିଳା ସାହୁ, ଗୀତା ସାହୁ, ବନିତା ସାହୁ, ଝିଅ ସୁନନ୍ଦା ବାରିକ, ସୁଜାତା ପାଣ୍ଡବ, ଜ୍ୱାଇଁ ରବୀନ୍ଦ୍ର ବାରିକ, ନାତୁଣୀ ଜ୍ୱାଇଁ ରେଡ଼ମଣ୍ଡରେ ମାର୍ଗଦର୍ଶକ ତଥା ସମାଜ ସେବକ ଉଦୟ କୁମାର ଦାସ, ପ୍ରୋପାଇଟର ଜେ.ଏମ୍.ଏସ୍. ପ୍ରାଇଭେଟ ଲିମିଟିଡେର ଉଦିତ କୁମାର ଦାସ, ପ୍ରଶାନ୍ତ କୁମାର ପରିଡ଼ା, ପ୍ରଦୀପ କୁମାର ଦାସ, ନାତୁଣୀ ମହିଳା ସମାଜ ସେବିକା ପୁଷ୍ପଲତା ଦାସ, ଇନ୍ଦୁପ୍ରଭା ସାହୁ, ମଧୁସ୍ମିତା ପରିଡ଼ା, ସଂଘମିତ୍ରା ସାହୁ, ନାତି ଶିବାନନ୍ଦ ସାହୁ, ଅଂଶୁମାନ ସାହୁ, ନିଗମାନନ୍ଦ, କ୍ଷୀରେଦ ତଥା ବନ୍ଧୁ ଓ ପରିବାର ବର୍ଗ ସମେତ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ପଦ୍ମଶ୍ରୀ ଶ୍ରୀମଦ ବାବା ବଳିଆ, ସ୍ୱାମୀ ପ୍ରଜ୍ଞାନନନ୍ଦଜୀ ମହାରାଜ, ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଶୋକ ପ୍ରକଟ କରିଛନ୍ତି। ରାଉଲକେଲା ବେଦବ୍ୟାସରେ ତାଙ୍କ ଅନ୍ତିମ କ୍ରିୟା ସହ ମୁଖାଗ୍ନୀ ଦେଇଥିଲେ ତପନ କୁମାର ସାହୁ।

## କୁଶକଣ୍ଟା ଯଜ୍ଞ ଉଦଯାପିତ

ଫୁଲନଖରା, (ସବ୍ୟୁ)-ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅଂର୍ଗତ ବ୍ରାହ୍ମଣଝରିଲୋ କୁଶକଣ୍ଟାଠାରେ ଥିବା ମାହୁଡ଼ା ଦାସ ମଠରେ ୪ଦିନ ଧରି ଚାଲିଥିବା ବିଶ୍ୱଶାଁ ମହାଯଜ୍ଞ ଉଦଯାପିତ ହୋଇଛି। ଏଥିରେ ଅଜୟକୁମାର ପାତ୍ର ଓ ନିର୍ମଳାବାଳା ପାତ୍ର କର୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂର୍ଣ୍ଣାହୁତି ସଂଧ୍ୟାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟରାମ ପାତ୍ର, ଆଇଆଇସି ସୁଧାଂଶୁ ଜେନା, ଏସିପି ଚନ୍ଦନ ଘଡ଼ାଇ, ପାହାଳ ଆଇଆଇସି ଷ୍ଟାଲିନ ବିଶ୍ୱାଳ, ଅଶ୍ୱିନୀ ମହାପାତ୍ର, ଶ୍ରୀ ସନ୍ନ୍ୟାସୀ, କବିନାରାୟଣ ଜେନା, ଅଜୟ ପତି, ଡଃ.ଶରତକୁମାର ରଥ, ଶରତ ଆଚାର୍ଯ୍ୟ, ହଂସନାଥ ସାହୁ, କଳ୍ପତରୁ ଖୁଣ୍ଟିଆ, ଅକ୍ଷୟ ମହାଁ, ଗୋଲଖ ପାତ୍ର, ବିଜୟ ମହାପାତ୍ର, ଯଜ୍ଞେଶ୍ୱର ଶତପଥି, ଲଳିତ ସୁନ୍ଦରାୟ, ଧିରେନ୍ଦ୍ର ବାରିକ, ପ୍ରଶାନ୍ତ ପାତ୍ର, ସଂତୋଷ ଜେନା, କୈଳାସ ବେହେରା, ଦିଲୀପ ବେହେରା, ସୁର ସାହୁ, ବିଷ୍ଣୁ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଦିବସରେ ଭଜନ, କୀର୍ତ୍ତନ ଓ ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ଲଳିତକୁମାର ଦାଶ, ପ୍ରତାପକେଶରୀ ପାତ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରମେଶଚନ୍ଦ୍ର ପ୍ରଧାନ, ଅଜୟକୁମାର ଦାଶ, କାନନବିହାରୀ ନାୟକ, ଭବାନୀଶଙ୍କର ପାତ୍ର, ରାଜକିଶୋର ବେହେରା, ଧିରେନ୍ଦ୍ର ସାହୁ, ଅମିତ ପରିଜା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଚଣ୍ଡିମନ୍ଦିର ଛକରେ ଅଷ୍ଟପ୍ରହର ନାମଯଜ୍ଞ ପାଳିତ

ଚଣ୍ଡିଖୋଲ (ପି.ଏନ୍)-ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଭୁଷଣ୍ଡପୁର ପଂଚାୟତ ଚଣ୍ଡିମନ୍ଦିର ଛକ ନିକଟସ୍ଥ ଖଣ୍ଡିଆବନ୍ଧି ଗ୍ରାମଠାରେ ଅଷ୍ଟପ୍ରହର ନାମଯଜ୍ଞ ମହାଆଡ଼ମ୍ବର ସହକାରରେ ପାଳିତ ହୋଇଯାଇଛି। ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କର ଜନ୍ମତିଥି ରାମ ନବମୀ ତିଥିରେ ଅଷ୍ଟପ୍ରହର କାର୍ଯ୍ୟ ପାଳିତ ହୋଇଯାଇଛି। ପୂର୍ବଦିନ ରାତ୍ର ସମୟରୁ ଅଧିବାସ କାର୍ଯ୍ୟ କରାଯାଇଥିଲା। ସେଠାରୁ ମହିଳାମାନେ ପୂର୍ଣ୍ଣଜଳ କଳସୀରେ ଆଣି ଅଷ୍ଟପ୍ରହର ନାମଯଜ୍ଞ ପାଖରେ ପଂହଚିବା ସମୟରେ ବ୍ରାହ୍ମଣ କଳସ ସ୍ଥାପନ କରିଥିଲେ। କର୍ତାଭାବେ ଅବସର ପ୍ରାପ୍ତ ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ କାଂଚନ ବାଳା ପଣ୍ଡା ଦାୟିତ୍ୱ ବହନ କରିଥିଲେ। ଅଧିବାସରେ ସୋଲଗାଡ଼ିଆ ଗ୍ରାମର କୀର୍ତନ ମଣ୍ଡଳୀ ଦାୟିତ୍ୱ ବହନ କରି ନଗର ପର୍ଯ୍ୟନ୍ତ ସେଠାରେ ଉପସ୍ଥିତ ରହିଥିଲେ। ମହାଖଳା, ଯାଜପୁର ଟାଉନ ଓ ଅନ୍ୟ କେତେକ କୀର୍ତନ ମଣ୍ଡଳୀ ନାମଯଜ୍ଞରେ ଯୋଗଦେଇ ଭଗବାନ କୃଷ୍ଣ, ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଙ୍କ ନାମକୁ ଉଚ୍ଚାରଣ କରି କୀର୍ତନ କରିଥିଲେ। ଅଷ୍ଟପ୍ରହନ ନାମଯଜ୍ଞରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ, ମାତା ସୀତାଙ୍କ ଫଟୋ, ଭଗବାନ ଶ୍ରୀକୃଷ୍ଣ ଓ ଶ୍ରୀ ରାଧାଙ୍କ ଫଟୋଚିତ୍ର ଓ ଶ୍ରୀଚୈତନ୍ୟଙ୍କ ଫଟୋଚିତ୍ରକୁ ରଖାଯାଇଥିଲା। ଅଷ୍ଟପ୍ରହର ନାମଯଜ୍ଞରେ ଅବସରପ୍ରାପ୍ତ ଅଧକ୍ଷ ଧନେଶ୍ୱର ସାମଲ, ଡ଼ଃ କେଦାର ନାଥ ଦାସ, ଡ଼ଃ ବିରେନ୍ଦ୍ର ମିଶ୍ର, ଚଣ୍ଡିଖୋଲ ଅଗ୍ନିସମ ଅଧିକାରୀ ପ୍ରଭାକର ସାହୁ, ଚଣ୍ଡିଖୋଲ ଫରେଷ୍ଟର ଅଧିକାରୀ ଶଶି ଭୂଷଣ ବେହେରା, ଶିକ୍ଷାବିତ୍ ଅମ୍ବୁଜ ରାଉତ, ସାମ୍ବାଦିକ ଶିବରାମ ସାହୁ, ପ୍ରତାପ ଗୋଚ୍ଛାୟତ, ବସନ୍ତ ପଲେଇ, ଦିଲ୍ଲିପ୍ ସାହୁ, ସୁରେନ୍ଦ୍ର ସାମଲ, ସରପଂଚ ଯଯାତି କେଶରୀ ରାଉତ, ସମିତି ସଭ୍ୟ ଜଗନ୍ନାଥ ମୁଦୁଲି, ପ୍ରଶାନ୍ତ ଜେନା, ଭାରତ ଭୂଷଣ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ମହେନ୍ଦ୍ର ପଣ୍ଡା, ଶ୍ରୀମତୀ ଦେବଯାନୀ ମିଶ୍ର, ଦେବଦାସୀ ପଣ୍ଡା, ସ୍ମିତା ପଣ୍ଡା, ଶ୍ରୀମତୀ ସନ୍ଧ୍ୟାରାଣୀ ମାହାଲା ପ୍ରମୁଖ ନାମଯଜ୍ଞ ନାମରେ ପଂହଚି ଭଗବାନଙ୍କ ନାମକୁ ସ୍ମରଣ କରୁଥିଲେ। ପରଦିନ ନଗର କୀର୍ତନ କରାଯାଇଥିଲା।

# ୨୭ରେ ସଂଭାବନାର ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ ଓ ଓଡ଼ିଆ ସ୍ୱାଭିମାନ ସମାରୋହ

ଭୁବନେଶ୍ୱର (ପିଏନ୍)-ଓଡ଼ିଶା ଭୂଖଣ୍ଡକୁ ସ୍ୱତନ୍ତ୍ର ରାଜ୍ୟ ବୋଲି ରାଜନୈତିକ ରୂପ ଦେଇ ଓଡ଼ିଆ ଜାତିର ଅସ୍ମିତା ଓ ପରିଚୟକୁ ଯିଏ ପୁନଃସ୍ଥାପିତ କରି ଓଡ଼ିଆ ଜାତିକୁ ଯିଏ ପୁନଃ ଜୀବଦାନ ଦେଲେ ସେ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ। ଓଡ଼ିଆ ସ୍ୱାଭିମାନର ଏକମାତ୍ର ପ୍ରତୀକ ଏହି ଶତାବ୍ଦୀର ସୂର୍ଯ୍ୟଙ୍କ ସ୍ମରଣୀୟ ଜୟନ୍ତୀ, ଓଡ଼ିଆ ସ୍ୱାଭିମାନ ଦିବସ ପୂର୍ବସଂଧ୍ୟା ଅପ୍ରେଲ-୨୭ରେ ଭୁବନେଶ୍ୱରର ଜୟଦେବ ଭବନ ଠାରେ ସପ୍ତଦଶ ବର୍ଷ ପାଇଁ 'ସଂଭାବନା' ଦ୍ୱାରା ଆୟୋଜିତ ହେଉଛି ଓଡ଼ିଆ ସ୍ୱାଭିମାନ ଦିବସ ସମାରୋହ ଓ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ।

ଓଡ଼ିଆ ପରମ୍ପରାକୁ ନେଇ ଏବଂ ଓଡିଆଣୀମାନଙ୍କୁ ଓ ତାଙ୍କର ପରାକାଷ୍ଠାକୁ ଲୋକଲୋଚନକୁ ଆଣିବା ପାଇଁ ଏକ ବିରଳ ଉତ୍ସବ ହେଉଛି ସଂଭାବନା ଆୟୋଜିତ ଓଡ଼ିଆ ମହୋତ୍ସବ ତଥା ତହିଁର ମୁଖ୍ୟ ବିଭବ ହୋଇ ଜନପ୍ରିୟତା ଲାଭ କରିଥିବା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା।୨୦୦୬ରୁ ଆରମ୍ଭ ହୋଇଥିବା ଏହି ଅନନ୍ୟ ଅଭିଯାନର ୨୦୨୨ ସଂସ୍କରଣ ଓଡିଆ ନୂଆବର୍ଷ ବିଷୁବ ସଂକ୍ରାଁନ୍ତିରେ ଶେଷ ହୋଇଛି। ଓଡ଼ିଆ ସ୍ୱାଭିମାନ ଦିବସର ପୂର୍ବ ସଂଧ୍ୟା ଅପ୍ରେଲ-୨୭ ସଂଧ୍ୟା ୫ଘଟିକା ୩୦ମିନିଟ୍ ସମୟରେ ଭୁବନେଶ୍ୱରର ଜୟଦେବ ଭବନଠାରେ ଏହି 'ଓଡ଼ିଆ ସ୍ୱାଭିମାନ ସମାରୋହ'ରେ ମଧୁ ଗାଥା ଉପସ୍ଥାପନ ସହ ଓଡ଼ିଆ ନୂଆବର୍ଷରେ ଶେଷ ହୋଇଥିବା ଓଡ଼ିଆ ମହୋତ୍ସବ-୨୦୨୧ର ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ପ୍ରାପ୍ତ ଓଡ଼ିଆଣୀଙ୍କୁ 'ଶ୍ରେଷ୍ଠ ଓଡ଼ିଆଣୀ ୨୦୨୨ ସମ୍ମାନ'ରେ ସମ୍ମାନିତ କରାଯିବ।

ତତ୍‌ସହିତ 'ସହ ଶ୍ରେଷ୍ଠ ଓଡ଼ିଆଣୀ' ଏବଂ 'କୃତୀ ଓଡ଼ିଆଣୀ'ମାନେ ମଧ୍ୟ ସମ୍ବର୍ଦ୍ଧିତ ହେବେ। ଏହି ଉତ୍ସବରେ ଉଦ୍‌ଘାଟିକା ଭାବେ ପଦ୍ମଶ୍ରୀରେ ସମ୍ମାନିତା ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ,ଗୁରୁ ଶ୍ରୀମତୀ ଅରୁଣା ମହାନ୍ତି ଯୋଗଦେବେ। ଏହା ସହିତ ମଧୁସଂଗୀତ ଓ ଓଡିଶୀ ନୃତ୍ୟ ମଧ୍ୟ ପରିବେଷିତ ହେବ। ଏହି ଉତ୍ସବରେ ଓଡ଼ିଆ ଓ ମଧୁପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ସଂଭାବନା ପକ୍ଷରୁ ସଂପାଦକ ଦେବ ପ୍ରସାଦ ପରିଜା, ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ଛନ୍ଦା ମିଶ୍ର, ସତ୍ୟବ୍ରତ ମହାପାତ୍ର ଓ ରାଜଶ୍ରୀ ଶତ୍‌ପଥି ପ୍ରମୁଖ ଅନୁରୋଧ କରିଛନ୍ତି।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ଏପ୍ରିଲ ୨୭**

# —ପୂଣ୍ୟ ପ୍ରଭାବ—

ସନାତନ ସଂସ୍କୃତିରେ ଋଷି ମୁନିମାନେ ହେଉଛନ୍ତି ସୃଷ୍ଟି ବିକାଶ ଓ ବିସ୍ତାରର ମୂଳ ଉତ୍ସ। ବ୍ରହ୍ମା ସୃଷ୍ଟି ସଂରଚନା ପାଇଁ ସପ୍ତ ଋଷିଙ୍କୁ ସୃଷ୍ଟି କରିବା ସହିତ ସେମାନଙ୍କ ଉପରେ ସୃଷ୍ଟି ବିସ୍ତାରର ଭାର ନ୍ୟସ୍ତ କରିଥିଲେ। ସେହିମାନେ ହେଉଛନ୍ତି ଆମ୍ଭମାନଙ୍କର ଆଦି ପୁରୁଷ। ତେଣୁ ସମସ୍ତ ଭାରତୀୟମାନେ କୌଣସି ନା କୌଣସି ଋଷିଙ୍କ ନାମ ବା ଗୋତ୍ର ଅନୁସାରେ ନାମିତ। ସେହି ମାନଙ୍କୁ ନେଇ ଆମ୍ଭ ମାନଙ୍କର ବଂଶ ପରିଚୟ। ସେମାନେ ସତ୍ୟ ଦ୍ରଷ୍ଟା ଏବଂ ମନ୍ତ୍ର ଦ୍ରଷ୍ଟା। ସେହି ମାନଙ୍କ ତପ ଓ ପୂଣ୍ୟ ପ୍ରଭାବରେ ସୃଷ୍ଟି ତିଷ୍ଠି ରହିଛି। ସନାତନ ଧର୍ମର ଶାଶ୍ୱତ ପ୍ରବାହ ସେମାନଙ୍କ ସାଧୁତା ପ୍ରଭାବରେ ଗଡ଼ି ଚାଲିଛି। ଏହି ମହାତ୍ମାମାନେ ଆମ୍ଭ ମାନଙ୍କର ପୂଜ୍ୟ ତଥା ଗର୍ବ ଏବଂ ଗୌରବ।

ସେହିମାନଙ୍କୁ ଆମେ ସାଧୁ ବୋଲି କହିଥାଉ ଯେଉଁମାନେ ସର୍ବଦା ସମସ୍ତଙ୍କର ହିତ ସାଧନାରେ ରତ ଥାଆନ୍ତି। 'ସର୍ବ ଭୂତ ହିତ ରତଃ' – ଯିଏ ସର୍ବଦା ସର୍ବ ଭୂତଙ୍କ ହିତ କାମନା କରନ୍ତି ସେ ସାଧୁ। ସେହି ମାନଙ୍କ ଆଦର୍ଶ ଓ ନିର୍ଦ୍ଦେଶିତ ପଥରେ ଯେଉଁମାନେ ଯେତେ ଅନୁପ୍ରାଣୀତ ସେମାନେ ସେତିକି ସମାଜରେ ଆଦୃତ ଓ ମହାନ ହୋଇଛନ୍ତି। ସେହି ନ୍ୟାୟରେ ଆମର ପୂର୍ବଜ ପିତୃ ପୁରୁଷ, ଗୁରୁ ଗୁରୁଜନ ଓ ଆଦର୍ଶ ସ୍ଥାନୀୟ ବ୍ୟକ୍ତି ମାନଙ୍କୁ ଆମେ ସାଧୁ ମହାତ୍ମା କହି ସମ୍ମାନ କରିଥାଉ। ସେହି ମାନଙ୍କର ଉପସ୍ଥିତି, ଆଶୀର୍ବାଦ ଓ ପୂଣ୍ୟ ପ୍ରଭାବରେ ଆମ୍ଭମାନଙ୍କର ଜୀବନ ସରସ, ସୁନ୍ଦର, ସୁଗମ ହୋଇଥାଏ। ଏହି ପୂଣ୍ୟଶାଳୀ ସାଧୁ ସନ୍ଥମାନେ ହେଉଛନ୍ତି ଏ ଧରଣୀର ଆଶୀର୍ବାଦ। ସେମାନଙ୍କ ପୂଣ୍ୟ ପ୍ରଭାବ ଏ ଧରଣୀକୁ ଧାରଣ କରି ରଖିଛି। ସନାତନ ଧର୍ମଧାରାରେ ଏମାନେ ସର୍ବମାନ୍ୟ ଅଟନ୍ତି।

ପିତାମାତା ଗୁରୁ ହେଉଛନ୍ତି ସନ୍ତାନ ପାଇଁ ରକ୍ଷା କବଚ। ଗୁରୁ ମଧ୍ୟ ପିତା ପ୍ରତିମ ଅଟନ୍ତି। କଥାରେ ଅଛି ପିତା ଥିବା ପୁତ୍ର ସଭାରେ ହାରେ ନାହିଁ। ପିତାମାତା ବଞ୍ଚିଥିଲେ ସନ୍ତାନ ଉପରେ ଗ୍ରହ ମାନଙ୍କ କୁପ୍ରଭାବ ପିଡ଼ା ମଧ୍ୟ ଊଣା ହୋଇଥାଏ ବୋଲି କୁହାଯାଇଛି। ସନ୍ଥ ତୁଳସୀ ଦାସ ତାଙ୍କ ପ୍ରସିଦ୍ଧ ଶ୍ରୀରାମଚରିତ ମାନସ ଗ୍ରନ୍ଥରେ ଶ୍ରୀରାମଙ୍କ ମୁଖରେ ପ୍ରକାଶ କରିଛନ୍ତି 'ମାଥେ ପର ଗୁରୁ ମୁନିମିଥିଲେସ। ତୁହା ହି ଦମାହି ସପନେଇ ନ କଲେସ'। ଆମ ମଥା ଉପରେ ଗୁରୁ ଏବଂ ମିଥିଳାଧିପତିଙ୍କ ଆଶୀର୍ବାଦ ଥିବାରୁ ସ୍ୱପ୍ନରେ ସୁଧା ଆମର କିଛି ବିପଦ ନାହିଁ। ପୂଣ୍ୟଶାଳୀ ବ୍ୟକ୍ତିଙ୍କ ଉପସ୍ଥିତି, ଆଶୀର୍ବାଦ ଓ ମାର୍ଗଦର୍ଶନ କଲ୍ୟାଣକାରୀ ଅଟେ। ସେଥିପାଇଁ ସମସ୍ତ ଶୁଭାଶୁଭ କାର୍ଯ୍ୟରେ ଆମେ ପୂଜ୍ୟ ବ୍ୟକ୍ତିମାନଙ୍କର ଆଶୀର୍ବାଦ ନେଇଥାଉ।

ଯଦି ଆମ ଘରେ କିମ୍ବା ଆଖପାଖରେ କେହି ପୂଣ୍ୟଶାଳୀ ବ୍ୟକ୍ତି ରହୁଥାନ୍ତି ତେବେ ତାଙ୍କ ପୂଣ୍ୟ ପ୍ରଭାବରେ ଆମ ପାଖକୁ ବିପଦ ଆସିପାରିବ ନାହିଁ। ଏହା ସନାତନ ସିଦ୍ଧାନ୍ତ ଅଟେ। ଯେଉଁ ପର୍ଯ୍ୟନ୍ତ ଲଙ୍କାପୁରରେ ପୂଣ୍ୟାତ୍ମା ବିଭୀଷଣ ଥିଲେ ସେ ପର୍ଯ୍ୟନ୍ତ ଲଙ୍କାରେ କିଛି ବିପଦ ନଥିଲା। ଯେବେ ରାବଣ ଲଙ୍କାପୁରରୁ ବିଭୀଷଣଙ୍କୁ ବିତାଡ଼ିତ କରିଦେଲା ସେବେଠାରୁ ଲଙ୍କାରେ ବିପଦ ମାଡ଼ି ଆସିଲା। ସ୍ୱର୍ଣ୍ଣମୟୀ ଲଙ୍କା ଛାରଖାର ହୋଇଗଲା। ଠିକ ସେହିଭଳି ଯେତେ ଦିନ ଯାଏ ମହାତ୍ମା ବିଦୁର ହସ୍ତିନାରେ ଥିଲେ ସେତେ ଦିନ ଯାଏ ହସ୍ତିନା ସମେତ କୁରୁକୁଳ ସର୍ବ ବିପଦରୁ ମୁକ୍ତ ଥିଲେ। ଯେଉଁ ଦିନ ହସ୍ତିନାରୁ ମହାତ୍ମା ବିଦୁରଙ୍କୁ ଅପମାନିତ କରି ତଡ଼ି ଦିଆଗଲା ସେବେଠାରୁ କୁରୁବଂଶ ପତନ ଆଡ଼କୁ ଧାବିତ ହେଲା। ଏପରି ହେଲା କୁରୁ ବଂଶରେ ଶୋକ କରିବା ପାଇଁ ମଧ୍ୟ କେହି ରହିଲେ ନାହିଁ। ରାଜପଣ ଗଲା, ବଂଶଧ୍ୱଂସ ହୋଇଗଲା। କୁକର୍ମ ପ୍ରଭାବରେ ପାପ ବଢ଼ିଯାଏ, ଯାହାଫଳରେ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ରୂପକ ରକ୍ଷା କବଚ ମଥା ଉପରୁ ହଟିଯାଏ। ସବୁବେଳେ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ଜୀବନରେ ସଫଳତା ଓ ସୁଖ ଶାନ୍ତି ପାଇଁ ଆବଶ୍ୟକ। ସେଥିପାଇଁ କୁହାଯାଇଛି ସକାଳୁ ଉଠି ପ୍ରଥମେ ଗୁରୁ ଗୁରୁଜନ ମାନଙ୍କୁ ପ୍ରଣାମ କରିବ। ଆଶୀର୍ବାଦ ନେବ। ଭଗବାନ ଶ୍ରୀରାମଚନ୍ଦ୍ର ମଧ୍ୟ ପ୍ରାତଃ କାଳରୁ ଶଯ୍ୟା ତ୍ୟାଗ କରି ପ୍ରଥମେ ମାତା ପିତା ଗୁରୁଜନ ମାନଙ୍କୁ ପ୍ରଣାମ କରୁଥିଲେ। ଶ୍ରୀରାମ ଚରିତ ମାନସରେ ସନ୍ଥ ତୁଳସୀ ଦାସ ଲେଖିଛନ୍ତି–'ପ୍ରାତକାଳ ଉଠି କେ ରଘୁନାଥ। ମାତୃ ପିତା ଗୁରୁ ନା ବହି ମାଥା।' ବାଳକାଣ୍ଡ-୨୦୫ ଦୋହା ପୂଣ୍ୟଶାଳୀ ବ୍ୟକ୍ତିଙ୍କ ଉପସ୍ଥିତି ଅଶେଷ କଲ୍ୟାଣକାରୀ। ସେମାନଙ୍କ ପୂଣ୍ୟ ପ୍ରଭାବ ଆମ୍ଭମାନଙ୍କର ରକ୍ଷା କବଚ।

ଏହି ସଂସାର ହେଉଛି ଈଶ୍ୱରଙ୍କର। ଆମେ ସମସ୍ତେ ତାଙ୍କର ଅଂଶ ବିଶେଷ। ଏହି ସାରା ବସୁଧା ଆମର 'ମା'। ଆମେ ସମସ୍ତେ ତାର ସନ୍ତାନ। ତେଣୁ ବିଭେଦ ନକରି ପ୍ରେମର ସହିତ ସହମତିରେ ବଞ୍ଚିବା ଉଚିତ। କେବେ କାହାର ଅମଙ୍ଗଳ ଚିନ୍ତା କରିବା ନାହିଁ। କାହାର କ୍ଷତି କରିବା ନାହିଁ। କାହାକୁ ଅପମାନିତ କରିବା ନାହିଁ। କାରଣ ଅପମାନର କ୍ଷତ ଭରିବା ଭାରି କଷ୍ଟ। ଥଟା ମଜାରେ ହେଉ ଅଥବା ଅସୂୟା ବସତ ହେଉ ଅପମାନ ଜନକ ବାଣୀ ବହୁ ସମୟରେ ପରମାଣୁ ବୋମାଠାରୁ ମଧ୍ୟ ଭୟଙ୍କର ହୋଇଥାଏ। ଅପମାନ ଜନକ କଟୁକଥା ବେଳେ ବେଳେ ମହା ବିନାଶକୁ ଆମନ୍ତ୍ରଣ କରିଥାଏ। ମହାପ୍ରଳୟର କାରଣ ହୋଇଥାଏ। ଶାସ୍ତ୍ର ପୁରାଣ ଇତିହାସରେ ଏହାର ଅନେକ ଉଦାହରଣ ରହିଛି।

ଆମ ମୁନିଋଷିମାନେ କଠୋର ତପସ୍ୟା ଦ୍ୱାରା ଯେଉଁ ସତ୍ୟ ଦର୍ଶନ କରିଥିଲେ, ସେମାନଙ୍କର ସେହି ଅମୂଲ୍ୟ ଅନୁଭବ ସବୁକୁ ଆମ୍ଭମାନଙ୍କ ପାଇଁ ଆପଣା ସାହିତ୍ୟରେ ସାଇତି ରଖିଛନ୍ତି। ସେମାନେ କହିଛନ୍ତି ଏ ସଂସାରରେ ତିନିଗୋଟି ବସ୍ତୁ ଦୁର୍ଲଭ। ସେ ସବୁ ହେଲେ ମାନବ ଶରୀର ପ୍ରାପ୍ତ ହେବା, ଏହି ଶରୀରରେ ମୁକ୍ତି ପାଇବାର ଇଚ୍ଛା ଜାଗ୍ରତ ହେବା ଓ ମହାପୁରୁଷ ମାନଙ୍କ ସତସଙ୍ଗ ପ୍ରାପ୍ତ ହେବା। ଏହି ତିନିଗୋଟି ଦୁର୍ଲଭ ବସ୍ତୁ ଈଶ୍ୱରଙ୍କ କୃପାରୁ ପ୍ରାପ୍ତ ହୋଇଥାଏ। ଆମର ପରମ ସୌଭାଗ୍ୟ ଯେ ଆମକୁ ପୂଣ୍ୟଭୂମି ଭାରତ ବର୍ଷରେ ମାନବ ଜନ୍ମ ପ୍ରାପ୍ତ ହୋଇଛି। ଏହି ଦେଶ ସାଧୁ ସନ୍ଥ ମାନଙ୍କର ଦେଶ। ଦେବୀ ଦେବତାଙ୍କ ଦେଶ, ପିତା, ମାତା ଏଠି ପ୍ରଥମ ଦେବତା। ବେଦ ବେଦାନ୍ତ, ପୁରାଣଶାସ୍ତ୍ର ଆଦି ଅମୂଲ୍ୟ ଗ୍ରନ୍ଥ ସବୁ ସତସଙ୍ଗ ଓ ସ୍ୱାଧ୍ୟାୟ ପାଇଁ ଉପଲବ୍ଧ ଅଛନ୍ତି। ଏମାନେ ସମସ୍ତେ ଆମକୁ ସର୍ବଦା ଆତ୍ମ କଲ୍ୟାଣର ମାର୍ଗ ନିର୍ଦ୍ଦେଶ କରୁଛନ୍ତି। ମୁକ୍ତି ହେଉଛି ଶ୍ରେଷ୍ଠ ପୁରୁଷାର୍ଥ। ଦୁଃଖରୁ ମୁକ୍ତି ଓ ସୁଖାନନ୍ଦରେ ନିତ୍ୟ ନିବାସ ପ୍ରତ୍ୟେକ ଜୀବନର ଲକ୍ଷ୍ୟ। ଜୀବନର ଏହି ମହତ ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ଦରକାର। ସାଧୁସନ୍ଥ ମହାତ୍ମା ମାନଙ୍କର ସାନିଧ୍ୟ, ସତସଙ୍ଗ, ସତ ଶାସ୍ତ୍ର, ସ୍ୱାଧ୍ୟାୟ, ଗୁରୁ ଗୁରୁଜନ ସେବା ଓ ପ୍ରେମ ଭକ୍ତି ଦ୍ୱାରା ଆତ୍ମ କଲ୍ୟାଣ ସମ୍ଭବ ହୋଇପାରିବ। ଶାସ୍ତ୍ର କହୁଛନ୍ତି ଉଠ, ଜାଗ୍ରତ ହୁଅ, ଆପଣା ଜୀନର ଲକ୍ଷ୍ୟରେ ଉପନୀତ ହୁଅ। ସର୍ବତ୍ର ଅମୃତର ଅନୁଭବ କର। ସାରା ସୃଷ୍ଟି ଧୀରେ ଧୀରେ ଅମୃତମୟ ହୋଇଉଠିବ। ଏହା ହେବ ପୂଣ୍ୟ ପ୍ରଭାବର ପ୍ରକୃଷ୍ଟ ପରିପ୍ରକାଶ।

**ହେମନ୍ତ କୁମାର ପରିଡ଼ା,** ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୯୧୭୬୬୭୮୧୫୯/୮୭୬୩୧୦୭୧୨୬

## ଆଜିର ଅନୁଚିନ୍ତା

### ଜୀବନର ସମସ୍ୟା କ'ଣ କେବେ ସମାପ୍ତ ହେବ ?

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଆଜି ସମସ୍ତେ ଗରିବ: ଶାସକ, ପ୍ରଶାସକ ଓ ଜନସାଧାରଣ

ଦାରିଦ୍ର୍ୟ ବ୍ୟକ୍ତିକୁ ଯେପରି ଦୁର୍ବଳ ଚିନ୍ତାଗ୍ରସ୍ତ କରାଇଦିଏ ଦେଶର ସ୍ଥିତିକୁ ସେହିପରି ଦୋହଲାଇ ଦେଇଥାଏ। ଦେଶର ଅର୍ଥନୀତି ଦୁର୍ବଳ ହୋଇଗଲେ ଅନ୍ୟ କୌଣସି କ୍ଷେତ୍ରରେ ଦେଶରେ ପ୍ରଗତି ହୁଏ ନାହିଁ। ଦାରିଦ୍ର୍ୟ ଦେଶ ପକ୍ଷରେ ଏକ ଅଭିଶାପ। ଅଭାବ ଅନାଟନ ବ୍ୟକ୍ତିମାନସ ଶାନ୍ତି ଲାଭ କରିପାରେ ନାହିଁ। ଅନବରତ ତାର ମାନସ ପଟରେ ମର୍ମରିତ ହୋଇଉଠେ ତାର ଅଭାବଗ୍ରସ୍ତ ଜୀବନର ମର୍ମନ୍ତୁଦ କାହାଣୀ। ଶତାବ୍ଦୀ ଶତାବ୍ଦୀ ଧରି ଭାରତର ଗଣଜୀବନରେ ଦାରିଦ୍ର୍ୟ ଯେପରି ଅପ୍ରତିହିତ ପ୍ରଭାବ ପକାଇ ଆସିଛି, ତାର ବିଲୋପ ପାଇଁ ଆଜି ସାରା ଭାରତରେ ନୂତନ ଚେତନା ଦେଖା ଦେଇଛି। ଦରିଦ୍ରର ମଙ୍ଗଳରେ ଭାରତର ହେବ ମଙ୍ଗଳ। ମହାତ୍ମା ଗାନ୍ଧୀଙ୍କର ଦରିଦ୍ର ଜନତା ପ୍ରତି ସମ୍ବେଦନ ଶୀଳତା ଭାରତବର୍ଷରେ ଦାରିଦ୍ର୍ୟ ଦୂରିକରଣ ପାଇଁ ଏକ ନୂତନ ପ୍ରେରଣା ପ୍ରଦାନ କରିଥିଲା। ଗାନ୍ଧୀଙ୍କର ଭିନ୍ନ ଦୃଷ୍ଟିଥିଲା ଗରିବଙ୍କ ପ୍ରତି ଅଲଗା। ସ୍ୱାଧୀନ ଭାରତର ସମ୍ବିଧାନର ପ୍ରଥମ ପ୍ରାଧାନ୍ୟ ଦିଆଗଲା ଦାରିଦ୍ର୍ୟ ବିଲୋପ ପାଇଁ। ଲୋକ ପ୍ରତିନିଧିମାନେ ଦେଶବାସୀଙ୍କର ଅର୍ଥନୀତିକ ଅବସ୍ଥାର ଉନ୍ନତି ପାଇଁ ଯଥାର୍ଥ ଧ୍ୟାନ ଦେବେ। ଭାରତ ସମ୍ବିଧାନର



ଏ ବ୍ୟବସ୍ଥା ଏ ଦେଶର ଦରିଦ୍ର ଜନତାଙ୍କ ହୃଦୟରେ କ୍ଷୀଣ ଆଶା ସଂଚାରିତ କଲା। ପଂଚବାର୍ଷିକ ଯୋଜନା ମାଧ୍ୟମରେ ଅର୍ଥନୈତିକମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା ହେଲାମାତ୍ର ଯୋଜନାର ତ୍ରୁଟିହେତୁ ଅର୍ଥନୈତିକ ସାମ୍ୟ ପରିବର୍ତ୍ତେ ବୈଷମ୍ୟ ବିଶେଷ ଭାବରେ ବୃଦ୍ଧି ଲାଭକଲା। ଫଳରେ ସ୍ୱାଧୀନ ଭାରତର ଜନସାଧାରଣ ଯେଉଁ ରାମରାଜ୍ୟର ପରିକଳ୍ପନା କରିଥିଲେ ତାହା ବିଡ଼ମ୍ବିତ ହେଲା। ସେ ଦିନରୁ ଅଦ୍ୟାବଧି ଦୀର୍ଘ ୭୫ ବର୍ଷ ବିଗତ ପରେ ମଧ୍ୟ ଆଜି ଭାରତରେ ୮୭.୮ ମିଲିୟନ ଲୋକ ଦରିଦ୍ରରେ ଗଣତି ହେଉଛନ୍ତି। ଆଜିର ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ଦରିଦ୍ରତା ଏକ ବରଦାନ କାରଣ ସେମାନେ ଦରିଦ୍ର ଜନତାଙ୍କୁ ସେମାନଙ୍କର ଭୋଟବ୍ୟାଙ୍କ ଭାବେ ପରିଗଣିତ କରି ସେମାନଙ୍କୁ ମାଗିଖିଆ କରି ତାଙ୍କ ମାଧ୍ୟମରେ ନିଜର ରାଜନୈତିକ ଫାଇଦା ଉଠାଇବା ସହ ସତ୍ତାରୁଢ଼ ହେଉଛନ୍ତି। ଆଜି ଦେଶ ବେରୋଜଗାରୀ, ଦରବୃଦ୍ଧିର ସାମନା କରୁଛି। ସି.ଏମ୍.ଆଇ.ଇ ରିପୋର୍ଟ ଅନୁସାରେ ୭ ମିଲିୟନ ଲୋକ ତଥା ଯୁବକ ୨୦୨୦ ରୁଏ ପର୍ଯ୍ୟନ୍ତ ରୋଜଗାର ହରାଇଛନ୍ତି। ୮.୪ କୋଟି ଭାରତୀୟ ଶିଶୁ ବିଦ୍ୟାଳୟ ବାରଣ୍ଡା ମାଡିନାହାଁନ୍ତି। ଆଜିବି ଲକ୍ଷଲକ୍ଷ ଯୁବକ ପାଠ ସାରି ଚାକିରୀ ପାଇଁ ଆର୍ତ୍ତଚିତ୍କାର କରୁଛନ୍ତି; ମାତ୍ର ସରକାର କିଂକର୍ତ୍ତବ୍ୟବିମୂଢ଼ ସାଜି କେବଳ ଆଶ୍ୱାସନା ଛଡା ତାଙ୍କ ପାଖରେ ଆଉକିଛି ନାହିଁ। ଇଏତ ଗଲା ଆମ ପ୍ରକୃତ ଗରୀବ/ ଦାରିଦ୍ର୍ୟ



ସୀମାରେଖା ତଳେ ଥିବାଲୋକଙ୍କ କଥା। ବର୍ତ୍ତମାନ ଆମେ ଟିକେ ମୁହଁ ଫେରାଇବା ଆମ ଦେଶର ଶାସନ, ପ୍ରଶାସକ, ଯନ୍ତ୍ରୀ ଓ ନେତାମାନଙ୍କ ଆଡକୁ। ଏମାନଙ୍କୁ କୁଆଡେ ଯେତେ ମିଳିଲେବି ତାଙ୍କୁ ବେନିଆଙ୍ଗୁଳ ନିଅଂଟ। ତେଣୁ ସେମାନଙ୍କର ଦରମାବୃଦ୍ଧି ପାଇଁ ଦାବୀ ଉପସ୍ଥାପିତ ହେଉଛି। ବର୍ତ୍ତମାନ ଆମ ଆଇ.ଏ.ଏସ.ମାନଙ୍କର ମୂଳ ଦରମା ୨୨୦୦ ଟଙ୍କାରୁ ବଢ଼ି ୫୬,୧୦୦ ହେଲାଣି। ଏହାଛଡ଼ା ମହଙ୍ଗାଭତ୍ତା, ଘରଭଡ଼ା, ବାସଗୃହ କିମ୍ବା ବଙ୍ଗଳା, ଦରଦରେ ଘରଭଡ଼ା, ମାଗଣା ଟେଲିଫୋନ/ ମୋବାଇଲ, ପେଟ୍ରୋଲ, ଘରୋଇ ଅର୍ଦଳି, ବ୍ୟକ୍ତିଗତ ସହାୟକ, ଛୁଟି, ଭ୍ରମଣ ଖର୍ଚ୍ଚ ଓ ଅନ୍ୟାନ୍ୟ ଅମାପ ସୁବିଧା ଇତ୍ୟାଦି ଜଙ୍ଗଲସେବା, ଆଇ.ପି.ଏସ, ଆଇ.ଆର.ଏସ ଚାକିରି କରୁଥିବା ବଡ କର୍ମଚାରୀମାନଙ୍କରେ ଯେଉଁସବୁ ସୁବିଧା ମିଳୁଛି ତତୁଲ୍ୟ ମୂଲ୍ୟର ଦରମା ସେମାନଙ୍କୁ ମିଳିବା ପାଇଁ ଦାବୀ ସରକାରଙ୍କ ଦ୍ୱାରା ପୂରଣ ହୋଇଛି। ଏମାନଙ୍କର ବଳିଷ୍ଠ ଯୁକ୍ତି ହେଲା ଏମାନଙ୍କୁ ଏତେକାର ବିପୁଳ ପରିମାଣ ଓ ସୁଖ ସୁଯୋଗ ସୁବିଧା ସୁଯୋଗ ନଦିଆଗଲେ ରାଷ୍ଟ୍ରର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ସେମାନଙ୍କ ମନରେ ଘୋର ଅସନ୍ତୋଷ ରହିବ। ବର୍ତ୍ତମାନ ଏ ଲେଖାର ପ୍ରଥମରେ ବର୍ଣ୍ଣିତ ଦରିଦ୍ର ଲୋକଙ୍କ ସହିତ ଦରିଦ୍ର ରାଜନେତା, ପ୍ରଶାସକମାନଙ୍କର ଚାହିଦାକୁ ତୁଳନା କରାଯାଉ! କିନ୍ତୁ ଏ ତୁଳନା କରିବ କିଏ? ପ୍ରଶାସକମାନଙ୍କର ନିଜ ବିଚାରରେ ସେମାନେ ନିଜକୁ ଏକ ବଂଚିତ ଗୋଷ୍ଠୀ ବୋଲି ଭାବିବା ସହ ସେହି ଅନୁପାତରେ ପ୍ରାପ୍ୟ ଚାହୁଁଛନ୍ତି। ସେମାନେ ଏହା ଚାହିଁବା ସ୍ୱାଭାବିକ। କାରଣ ଯେଉଁମାନେ ଯେଉଁ ସୁବିଧା ଭୋଗ କରୁଛନ୍ତି, ସେହି ସ୍ତରର ତଳେ ଯେଉଁମାନେ ଅଛନ୍ତି ସେମାନଙ୍କ ଖାଇବା ଥାଳି ଦେଖିବା ଏହି ଉପରବାଲାଙ୍କ କାମ ନୁହେଁ। ତାଙ୍କ ଉପରେ ଯେଉଁମାନେ ଅଛନ୍ତି ସେମାନଙ୍କ ସହିତ ନିଜକୁ ସମକକ୍ଷ କରି ଗଢିତୋଳିବା ହିଁ ଯଥାର୍ଥ। ଏହି ପ୍ରଶାସକ-ମାନେ ଯେଉଁ ଗୁରୁଦାୟିତ୍ୱ ବହନ କରୁଛନ୍ତି ଓ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରାଷ୍ଟ୍ରର ନିୟାମକ ହୋଇଛନ୍ତି କାହା ପାଇଁ? ଏହି ତଳେ ପଡିଥିବା ଦରିଦ୍ର ଜନସାଧାରଣଙ୍କୁ ମାନବୋଚିତ ସାମାଜିକ, ଅର୍ଥନୈତିକ ସ୍ତରକୁ ଉନ୍ନୀତ କରିବା ପାଇଁ ହିଁ ସେମାନେ 'ସାଧାରଣ ସେବକ' public servant-ର ମାନ୍ୟତା ଧାରଣ କରିଛନ୍ତି । ମାତ୍ର ଏ ତଳିଆଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥରାଶିକୁ ଆତ୍ମସାତ କରିବାରେ ଏମାନେ ଟିକେହେଲେ ସୁଯୋଗ ହାତଛଡା କରୁନାହାଁନ୍ତି। ତେବେ ତଳବାଲାଙ୍କ କଥା ଭାବିବ କିଏ, ତାଙ୍କର ଉନ୍ନତିର ଦାୟିତ୍ୱ ନେବ କିଏ? ସାଧାରଣ ସେବକମାନେ ନିଜର ସେବା କରିବାରେ ଯଦି ରାଷ୍ଟ୍ରର ସମସ୍ତ ସମ୍ବଳ ଓ ପୁଞ୍ଜିବ୍ୟୟ ହୋଇଯାଏ, ତେବେ ସାଧାରଣଙ୍କ ପାଇଁ ବଂଚିବ କ'ଣ? ଯଦି ସାଧାରଣଙ୍କ ସ୍ୱାର୍ଥ ଓ ସେବାପାଇଁ ସାଧାରଣ ସେବକ ଉଦ୍ଦିଷ୍ଟ ନୁହେଁ ତେବେ ସେପରି ସାଧାରଣ ସେବକର ମୂଲ୍ୟ ଓ ଆବଶ୍ୟକତା କ'ଣ? ପ୍ରକୃତ ମୂଳକଥା ହେଲା ଏହି ଅଭିଯାତ ସାଧାରଣ ସେବକମାନେ କ'ଣ ମାଗଣାରେ ସାଧାରଣ ସେବା ପାଇଁ ସର୍ବଭାରତୀୟ ଚାକିରିରେ ପ୍ରବେଶ କରିବାକୁ ଏତେ ବ୍ୟାକୁଳ ହୋଇପଡୁଛନ୍ତି? ଅନ୍ୟ ଉନ୍ନତ ଦେଶମାନଙ୍କରେ ସରକାରୀ ଚାକିରିରେ ନିକୃଷ୍ଟ ମେଧାର ଲୋକେ ପ୍ରବେଶ କରନ୍ତି। ଯେଉଁମାନେ ସରକାରୀ ସ୍ତର ବାହାରେ ପ୍ରତିଯୋଗିତାମୂଳକ ଧନ୍ଦା ବା ବୃତ୍ତିରେ ପ୍ରବେଶ କରିପାରନ୍ତି ନାହିଁ, ସେମାନେ ହିଁ ବାଧ୍ୟତଃ ସରକାରୀ ଚାକିରୀରେ ଯୋଗଦିଅନ୍ତି। ସାଧାରଣ ସେବକ ଭାବରେ ମାତ୍ର ସାଧାରଣଙ୍କୁ ଶୋଷଣ କରିବାର କୌଣସି ସୁଯୋଗ ହାତଛଡା କରିନଥାନ୍ତି। ନିଜକୁ ଅତି ପାରଦର୍ଶୀ, ପ୍ରତିଭାଶାଳୀ ଓ ଉଚ୍ଚତମ ବୌଦ୍ଧିକ ଗୋଷ୍ଠୀର ବୋଲି ଦାବୀକରୁଥିବା ଏହି 'ରାବିଡିସ୍ତର' (Creamy Layer)ର ନୀଳରକ୍ତ ସମ୍ପ୍ରଦାୟ ଭାରତୀୟ ପ୍ରଶାସନିକ ବ୍ୟବସ୍ଥାରେ କାହିଁକି ପ୍ରବେଶ କରିଥିଲେ ଓ ଏବେ ମଧ୍ୟ ପ୍ରବେଶ କରିବାକୁ ଉତ୍କଣ୍ଠିତ? କାରଣ ଭାରତୀୟ ପ୍ରଶାସନିକ ସେବାରେ ଯେଉଁ ସୁବିଧା ଓ ନବାବଠାଣୀ ସେମାନଙ୍କୁ ତାଙ୍କ ଦେଶରେ ମିଳେନାହିଁ। ଏଠାରେ ଏଭଳି ପ୍ରଶାସକ ଅଛନ୍ତି ଯେଉଁମାନଙ୍କର ମଳ ନିଷ୍କାସନ ଗୃହରେ ୩ ଲକ୍ଷରୁ ଅଧିକ ଖର୍ଚ୍ଚ ହେବାର ଶୁଣିବାକୁ ମିଳେ, ଯାହା ତଦାରଖସାପେକ୍ଷ। ବିଶେଷକରି କେନ୍ଦ୍ର ସରକାରଙ୍କର ଉଦାରବାଦୀ ନା ଉଧାରବାଦୀ ଅର୍ଥନୀତି ପ୍ରବର୍ତ୍ତନ ପରେ ସରକାର ଚଳାଉଥିବା ବାବୁମାନଙ୍କ ସମ୍ପର୍କରେ ଏକ ବ୍ୟାପକ ଆଲୋଚନା ତଥା ବିତର୍କ ଅପରିହାର୍ଯ୍ୟ। କାରଣ ବର୍ତ୍ତମାନ ମନ୍ତ୍ରୀ ତଥା ପ୍ରଶାସନିକକଳର ସାଧାରଣ ଲୋକଙ୍କ ପ୍ରତି ଅବହେଳା, ଅସମ୍ମାନ, ବିତୃଷ୍ଣା, ଉଦାସୀନତା, ପିସି କାରବାର ତଥା ଶୋଷଣର ମାତ୍ରା ଏତେ ବଢିଯାଇଛି ଯାହା ଅବର୍ଣ୍ଣନୀୟ। ନିଜ ନେତା ତଥା ବଡହାକିମଙ୍କ ମୁହଁ ବୁଡାଇ ଖାଇବାକୁ ଦେଖି ତଳିଆବି ଏହି ସୁଯୋଗର ଫାଇଦା ନେଇ ସେମାନେ ବି ସାଧାରଣ ଜନତାଙ୍କ ଧନକୁ ଖେପିବାରେ ଲାଗି ପଡିଛନ୍ତି।

ବର୍ତ୍ତମାନ ଏହିଭଳି କେତେକେତେ ପ୍ରଶାସନିକ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ପୋଲିସ ପ୍ରଶାସକ, ଯନ୍ତ୍ରୀ ଏମାନଙ୍କ ପାଖରୁ ଏତେ ପରିମାଣର ସାଧାରଣଙ୍କୁ ଲୁଟିଥିବା ଧନରାଶି ଜବତ ହେଉଛି ଯାହା



ଦେଖିଲେ ଆଖି ଖୋସି ହୋଇଯାଉଛି! ଏଠାରେ ପ୍ରଶ୍ନ ଉଠେ, କାହା ସାହସରେ ଏପରି ଅନୈତିକ ଧନରାଶି ସଂଗ୍ରହ କରି ଅବକାଶ ହୋଇଛନ୍ତି ତାହା ବର୍ତ୍ତମାନ ସାଧାରଣସ୍ତରରେ ବିଶ୍ଳେଷିତ ଭାବରେ ଏକ ବିତର୍କର ଆବଶ୍ୟକତା ରହିଛି। ତେଣୁ ଏହାକୁ ବିଚାର କଲେ ଗରିବତା ସ୍ତରରେ ଗରୀବରୁ ଗରୀବ ହେଉଥିଲାବେଳେ ଆମ ନେତା, ଶାସକ, ପ୍ରଶାସକ ସେମାନଙ୍କ ସ୍ତରରେ ନିଜକୁ ଗରୀବ ବୋଲି ଭାବି ଯଦି ଏପରି ଅନୈତିକ କାର୍ଯ୍ୟ କରିବେ ତେବେ ଏ ଦେଶରେ ସ୍ୱଚ୍ଛତା ଆସିବ କିପରି! ତେଣୁ ମୋ' ଲେଖାର ଶିରୋନାମା କ'ଣ ଭୁଲ?

**—ଉମାଶଙ୍କର ପ୍ରସାଦ**
*ସ୍ତମ୍ଭକାର, ଖୋର୍ଦ୍ଧା ୬୩୭୦୬ ୭୫୫୬୨*

# ଈଶ୍ୱରଙ୍କ ଅନୁଗ୍ରହ



**ଅନ୍ତର୍ଯ୍ୟାମୀ ପଟ୍ଟନାୟକ**

ମନୁଷ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ପାଦ ବଢ଼ାଇବା ଉଚିତ। ଗତିହୀନ ଜୀବନ ତା' ପାଇଁ ସୁନ୍ଦର ନୁହେଁ। ଛାତ୍ରଟିଏ ଯଦି ସ୍କୁଲର ଗୋଟିଏ ଶ୍ରେଣୀରେ ବାରମ୍ବାର ରହିଯାଏ, କେତେ ଦିନ ଆମେ ସହ୍ୟ କରିବା? ସେ ପ୍ରତିବର୍ଷ ଉଚ୍ଚତର ଶ୍ରେଣୀକୁ ଯିବା ଆବଶ୍ୟକ। ଆଧ୍ୟାତ୍ମିକ ସାଧକ ସେହିପରି ସାଧନାର ଗୋଟିଏ ସ୍ତରରେ ସ୍ଥିର ହୋଇ ରହିବା ଉଚିତ ନୁହେଁ। ମନୁଷ୍ୟ ପ୍ରଥମେ ପ୍ରତିମୂର୍ତ୍ତି ବା ମୂର୍ତ୍ତି ପୂଜା କରେ। ଷୋଡ଼ଶ ଉପଚାର ମାଧ୍ୟମରେ ସେ ଅର୍ଚ୍ଚନା କରିଥାଏ ଯଥା ଧ୍ୟାନ, ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଳ, ନୀରାଜନା ପ୍ରଦକ୍ଷିଣ, ନମସ୍କାର। ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର, ନୈତିକ ମହତ୍ୱପୂର୍ଣ୍ଣ ଜୀବନଯାପନ ସାଧକର ଯୋଗ୍ୟତା ହେବା ଉଚିତ। ଷୋଡ଼ଶ ଉପଚାର ଅର୍ଚ୍ଚନା ଏକ ଉତ୍ତମ ବିଧି। କିନ୍ତୁ ସାଧକ ଏହି ସ୍ତରରୁ ଆତ୍ମଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଉଚିତ। ଈଶ୍ୱରଙ୍କୁ ସମର୍ପିତ ପୁଷ୍ପରାଜି ଖୁବ୍ ଶୀଘ୍ର ମଳିନ ହୋଇପାରେ। ପୁଷ୍ପାଞ୍ଜଳିର ସୁଫଳ ମଧ୍ୟ କ୍ଷଣସ୍ଥାୟୀ ହୋଇପାରେ। ତେଣୁ ମଣିଷ ଯେଉଁ ପୁଷ୍ପକୁ ନିଜ ଦକ୍ଷତା ଓ ନିଷ୍ଠା ମାଧ୍ୟମରେ ନିଜର ଜୀବନ ବୃକ୍ଷରେ ପ୍ରସ୍ଫୁଟିତ କରାଇଥାଏ ଈଶ୍ୱର ସବୁବେଳେ ସେହି ପୁଷ୍ପକୁ ଅଧିକ ଭଲ ପାଆନ୍ତି। ସେହି ନୈତିକ ପୁଷ୍ପରାଜି ତାହାରି ନିଜ ହୃଦୟ ବଗିଚାରେ ହିଁ ପ୍ରସ୍ଫୁଟିତ ହୋଇଥାଏ। ଏହିଗୁଡ଼ିକ ମଧ୍ୟରେ ଅହିଂସା ପ୍ରଥମ ପୁଷ୍ପ। କେବଳ ଜୀବନ୍ତ ପ୍ରାଣୀକୁ ଆଘାତ ନ କରିବାକୁ ଅହିଂସା କୁହାଯାଇ ନପାରେ। ଏହା ପ୍ରକୃତରେ ଏକ ଉଚ୍ଚତର ମୌଳିକ ମୂଲ୍ୟବୋଧ। କେବଳ କାର୍ଯ୍ୟରେ ହିଂସା ଆଚରଣ ନ କରିବା ଯଥେଷ୍ଟ ନୁହେଁ, ଚିନ୍ତା ବା ବାକ୍ୟରେ ମଧ୍ୟ ଆମେ ପ୍ରାଣୀଙ୍କୁ କଷ୍ଟ ଦେବା ଉଚିତ ନୁହେଁ। ଜଣେ ଅନ୍ୟକୁ କଷ୍ଟଦେବା ବା ଅପମାନିତ କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ। ଇନ୍ଦ୍ରିୟ ନିଗ୍ରହ ଜୀବନ ବଗିଚାର ଦ୍ୱିତୀୟ ପୁଷ୍ପ। ଜଣେ ଇନ୍ଦ୍ରିୟାସକ୍ତ ହେବା ଉଚିତ ନୁହେଁ। ତୃତୀୟ ପୁଷ୍ପଟି ଦୟା। ସର୍ବଭୂତେ ଦୟା (ପ୍ରତ୍ୟେକ ଜୀବ ଓ ପଦାର୍ଥ ପ୍ରତି ଦୟା) କାରଣ ପ୍ରତ୍ୟେକ ପ୍ରାଣୀ ଓ ପଦାର୍ଥ ମଧ୍ୟରେ ଈଶ୍ୱର ବିଦ୍ୟମାନ। କୁହାଯାଇଛି ଯେ ସର୍ବଦେବ ନମସ୍କାରଂ କେଶବମ୍ ପ୍ରତିଗଚ୍ଛତି। ଯେଉଁ ପ୍ରଭୁଙ୍କୁ ପ୍ରଣାମ କଲେ ମଧ୍ୟ ତାହା ପରମାତ୍ମାଙ୍କଠାରେ ପହଞ୍ଚିଯାଏ। ସେହି ସତ୍ୟରେ ଏହା ମଧ୍ୟ କୁହାଯାଇପାରେ ଯେ 'ସର୍ବଜୀବ ତିରସ୍କାରମ୍ କେଶବମ୍ ପ୍ରତିଗଚ୍ଛତି' ଯେଉଁ ପ୍ରାଣୀକୁ କଷ୍ଟ ଦେଲେ ମଧ୍ୟ ତାହା ପରମାତ୍ମାଙ୍କୁ କଷ୍ଟ ଦେଲାଭଳି ହୁଏ। କ୍ଷମା, ଧୈର୍ଯ୍ୟ, ସାହସ, ଶାନ୍ତ ଚତୁର୍ଥ ପୁଷ୍ପ। ଧର୍ମ ପୁସ୍ତକରେ କ୍ଷମାକୁ ସତ୍ୟ, ଧର୍ମ, ଜ୍ଞାନ, ଅହିଂସା ତ୍ୟାଗ ଓ ଆନନ୍ଦରୁ ଅଭିନ୍ନ ବୋଲି କୁହାଯାଇଛି।

କ୍ଷମା ବ୍ୟତୀତ ମନୁଷ୍ୟ ଗୋଟିଏ ମୁହୂର୍ତ୍ତ ମଧ୍ୟ ଆନନ୍ଦ ପାଇପାରିବ ନାହିଁ। ଏହା ଐଶ୍ୱରିକ ଗୁଣ ବୃଦ୍ଧି କରେ। ଏହା ମନୁଷ୍ୟର ଦିବ୍ୟତ୍ୱ ପରିପ୍ରକାଶ କରେ। ଏହା ମଣିଷର ପ୍ରକୃତିଗତ ହୋଇଯିବା ଉଚିତ। ନିର୍ବିକାର ଭାବ ଶାନ୍ତିର ମୌଳିକଗୁଣ। ସମୁଦ୍ର ସମସ୍ତ ପଦାର୍ଥକୁ ଏକତ୍ର କରି ଧରିରଖିବାକୁ ଇଚ୍ଛା କରୁଥିବାରୁ ନିମ୍ନରେ ରହିଛି ମେଘ ସମସ୍ତ ତ୍ୟାଗ କରି ମୁକ୍ତ ହେବାକୁ ଚାହୁଁ ଥିବାରୁ ଆକାଶରେ ରହିଛି। ଶାନ୍ତି ମଣିଷକୁ ସ୍ଥିର ମନ ଓ ସ୍ଥିର ଦୃଷ୍ଟି ପ୍ରଦାନ କରେ। ଶାନ୍ତି ପ୍ରାର୍ଥନା ତିନିଥର ଉଚ୍ଚାରଣ କରାଯାଏ-ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରର ଶାନ୍ତି ପାଇଁ ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ କରାଯାଏ। ମନୁଷ୍ୟ ରାଗିବା ଅଥବା ଭୟରେ ମୁଣ୍ଡ ନୁଆଁଇବା ଉଚିତ ନୁହେଁ। ଉପନିଷଦରେ ଜନକ ମହର୍ଷିଙ୍କ ଜୀବନରେ ଆଧ୍ୟାତ୍ମ କି ଶାନ୍ତିର ଉଦାହରଣ ଦିଆଯାଇଛି। ତାଙ୍କୁ ବିଦେହ କୁହାଯାଉଥିଲା। ଏହାର ଅର୍ଥ ନୁହେଁ ଯେ ତାଙ୍କର ଦେହ ନଥିଲା। ପ୍ରକୃତରେ ସେ ଶରୀର ଓ ଏହାର ଆବଶ୍ୟକତାକୁ ଭୁଲିଯାଇ ଜୀବନଯାପନ କରୁଥିଲେ। ସେ କେବଳ ଆତ୍ମା ଚେତନ ସ୍ତରରେ ଦେଖୁଥିଲେ, ଶୁଣୁଥିଲେ ଓ କଥାବାର୍ତ୍ତା କରୁଥିଲେ।

ଷଷ୍ଠ ପୁଷ୍ପଟି ହେଉଛି ତପ। ତପ ଅର୍ଥ ନୁହେଁ ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କୁ ତ୍ୟାଗ କରି ଅରଣ୍ୟର ନିର୍ଜନତା ମଧ୍ୟକୁ ପଳାୟନ କରିବା। ପ୍ରକୃତ ତପ ହେଉଛି ଚିନ୍ତା, ଭାଷା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷାକରିବା। ଦୁଷ୍ଟ ପ୍ରକୃତିର ଲୋକ ଏହା କେବେ ଆଚରଣ କରିପାରିବେ ନାହିଁ କାରଣ ନିଜ ସହିତ ମଧ୍ୟ ସେ ମିଥ୍ୟାଚାର କରେ। ମନୁଷ୍ୟ ଯେତେବେଳେ ଏହି ତପର ଅଧିକାରୀ ହେବ ତା'ର ପ୍ରତ୍ୟେକ ବାକ୍ୟ ଏତେ ଶକ୍ତିଶାଳୀ ହେବ ଯେ ସେ ଯାହା ଉଚ୍ଚାରଣ କରିବ ତାହା ମନ୍ତ୍ରରେ ପରିଣତ ହୋଇଯିବ। ଆମର ସପ୍ତମ ପୁଷ୍ପଟି ହେଉଛି ଧ୍ୟାନ। ମୋ' ମସ୍ତକରେ ଯେତିକି କେଶ ଅଛି ସେତେ ପ୍ରକାର ଧ୍ୟାନର ପଦ୍ଧତି ଆଜିକାଲି ପ୍ରଚଳିତ। ପ୍ରତ୍ୟେକ ତାଙ୍କର ଇଚ୍ଛା ଅନୁଯାୟୀ ଏହାକୁ ବର୍ଣ୍ଣନା କରୁଛନ୍ତି। ଧୀରସ୍ଥିର ଭାବରେ ବସି ନିଜର ଭାବନା ଓ ଚିନ୍ତାଧାରାକୁ ଈଶ୍ୱରଙ୍କ ଉପରେ କେବଳ ନିବଦ୍ଧ କରିବା ଧ୍ୟାନ ନୁହେଁ। ଈଶ୍ୱରଙ୍କ ମାଧ୍ୟମରେ ନିଜର ଇଚ୍ଛା, ଅନୁଭବ ଓ ଭାବନା ଇତ୍ୟାଦିକୁ ଐଶ୍ୱରିକ କରିବା ଉଚିତ। ଈଶ୍ୱରଙ୍କୁ ନିଜ ସ୍ତରକୁ ଓହ୍ଲାଇ ଆଣିବା ଉଚିତ ନୁହେଁ ବରଂ ନିଜକୁ ଈଶ୍ୱରଙ୍କ ସ୍ତରକୁ ଉନ୍ନତି କରିବା ଉଚିତ।

ଅଷ୍ଟମ ପୁଷ୍ପଟି ସତ୍ୟ। ଏହି ସତ୍ୟ ସମୟ ସ୍ରୋତରେ ଅପରିବର୍ତ୍ତିତ ରହେ। କେବଳ ଈଶ୍ୱର ହିଁ ଅପରିବର୍ତ୍ତିତ ଭାବେ ଅତୀତରୁ ବର୍ତ୍ତମାନ ମଧ୍ୟ ଦେଇ ଭବିଷ୍ୟତ ପର୍ଯ୍ୟନ୍ତ ରହିପାରନ୍ତି। ଯେତେବେଳେ ଏହି ପୁଷ୍ପ ତୁମ ହୃଦୟ ମଧ୍ୟରେ ପ୍ରସ୍ଫୁଟିତ ହେବ ତାହା ତୁମକୁ ଅନନ୍ତ ସୌରଭରେ ପୂର୍ଣ୍ଣ କରିବ। ଈଶ୍ୱରଙ୍କୁ ଏହି ସମସ୍ତ ପୁଷ୍ପଦ୍ୱାରା ପୂଜା କରିବା। ପୂଜାରେ ଯଦି ଅନ୍ୟ ପୁଷ୍ପ ବ୍ୟବହାର କର ପୂଜା ଗୃହରୁ ବାହାରି ଆସିଲାକ୍ଷଣି ମନରେ ଭକ୍ତି ରହେନାହିଁ। ଉପରେ ବର୍ଣ୍ଣିତ ଅଷ୍ଟପୁଷ୍ପ ରୂପକ ଗୁଣଗୁଡ଼ିକ ଜଣେ ଆହରଣ କରି ନ ପାରିଲେ ଈଶ୍ୱରଙ୍କ ଅନୁଗ୍ରହ କିପରି ଆଶ କରିବ? ତେଣୁ ବଗିଚାର ଫୁଲ ଈଶ୍ୱରଙ୍କୁ ଅର୍ପଣ କରିବା ପରିବର୍ତ୍ତେ, ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରି ଏବଂ ସେହି ପୁଷ୍ପରାଜିକୁ ଅର୍ପଣ କରି ସାଇ ଆଶ୍ରିତର ଯଥାର୍ଥତା ପ୍ରତିପାଦନ କରିବା ଉଚିତ।

*-ଟ୍ରଷ୍ଟ କନ୍‌ଭେନର, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୭୦୨୨୦୬୧*

# ଚାଉଳ କିଲୋ ଟଙ୍କାଏ ହେଲେ ଲେମ୍ବୁ ଗୋଟାକ ଦଶଟଙ୍କା



ସମାଜସେବୀ ରଙ୍ଗମାଉସୀ ମନରେ କୋହ, ଆଖିରେ ଲୁହ ଏବଂ କେନ୍ଦ୍ରରେ ଫୁଲ ସରକାର ଓ ରାଜ୍ୟରେ ଶଙ୍ଖ ସରକାର ଉପରେ ଅଜସ୍ର କ୍ରୋଧ। କାରଣ ଆଜିକାର ମହଙ୍ଗା ପରିସ୍ଥିତି। ସହଜେ ଓଡିଆମାନଙ୍କ ପ୍ରିୟଖାଦ୍ୟ ହେଲା ପଖାଳ। କେହିକେହି ରୋଗୀଣା ବଡବାବୁମାନେ ଶୀତଦିନେ ସିନା ପଖାଳକୁ ମନା କରନ୍ତି ହେଲେ ଖରାଦିନେ ଅମୃତପରିକା ଚଟିଚଟି ପାଗସାଙ୍ଗରେ ଏମିତି ଖାଆନ୍ତି ଯେ ବାସନଗୁଡା ଅଇଁଠାବାସନ ପରି ଦେଖାଯାଏନି। ଏଇ କେତେଦିନ ହେବ ଯେଉଁପରି ବୟାଳିଶ ତେୟାଳିଶ ଡିଗ୍ରୀ ତାପମାତ୍ରା ରହୁଛି ସେଥିରେ ପଖାଳ ହେଲା ଓଡିଆମାନଙ୍କ ଖାଦ୍ୟ ଏବଂ ଔଷଧ। ଦି'ପହର ଧୂପରେ ପଖାଳକଂସାଏ ପାଗ ସହ ଶାଗଭଜା ବଡିଚୁରା ଚିମୁଟେ ମିଳିଗଲେ ସ୍ୱର୍ଗ ସୁଖ। ପାଗ ବୁଝୁନା! ପାଗମାନେ ଦଳାଦଳି କି ଚକଟାଚକଟି। ତା'ଭିତରେ ଲେମ୍ବୁଫାଳେ, କଂଚାଲଙ୍କା ଦୁଇଟା, ଆମ୍ବୁଲ ଚିରୁଡାଏ, ଦେଶିପିଆଜ ଚକଟିକୋଳା ଏବଂ ରସୁଣ ଦିକୋଳା। ଏସବୁ ସାମଗ୍ରୀ ସହ ଟିକେ ଅଧିକ ଲୁଣ ଦେଇ ବାସୀପଖାଳ ତୋରାଣି ସାଙ୍ଗରେ ଚକଟିଦେଲେ କଂସାଏପଖାଳ ଦୁଇମିନିଟରେ ଉଦରଭିତରକୁ ଉଠିଯିବାରେ କୌଣସି ଅସୁବିଧା ନାହିଁ। ତେବେ ଏସବୁ ଏବେ ସାତ ସପନ। ମହଙ୍ଗା ଆକାଶ ଛୁଆଁ , ଲୋକେ ନୟାନ୍ତ। ଚାଉଳ କିଲୋ ସିନା ଟଙ୍କାଏ ହେଲେ ଲେମ୍ବୁ ଗୋଟାକ ଦଶଟଙ୍କା। ଅବଶ୍ୟ ପାଂଚଟଙ୍କିଆ ରୁ ଆଠଟଙ୍କିଆବି ବଜାରରେ ମିଳୁଛି. ହେଲେ ସେଥିରେ ପାଣି ବାହାରୁନି। ଚୁପୁଡିଚୁପୁଡି ଆଙ୍ଗୁଠି ଦରଜକରି ଦାନା ଚୁଚୁମିଚୁଚୁମି ମନଗଲୁ ମାରିବା କଥା। ଏଥିପାଇଁ ସମାଜସେବୀ ରଙ୍ଗମାଉସୀ ସମସ୍ତ ସରକାରୀ କଳ ଉପରେ ଖପାହୋଇ ଗରିବଲୋକଙ୍କୁ ଦେଖିଲେ ମନଖରାପ କରୁଛି। ସର୍ବସମକ୍ଷରେ ଅନୁରୋଧ କରି କହୁଛି, 'ସରକାର! କିଛି କର। ତୁମରି ହାତରେ ଉପାୟ ଅଛି। ତୁମେ ଯଦି ନବୁଝିବ ତେବେ ଗରିବଗୁରୁବା ମୂର୍ଖ ଖଟିଖିଆ ଲୋକଗୁଡା କୁଆଡେ ଯିବେ? କେତେଦିନ ଆଉ ଏମିତି ହନ୍ତସନ୍ତ ହେବେ କହିଲ!' ବେଙ୍ଗନାନୀ ଏବେ ସିଡିପିଓ। ସେ ବି ସେହି ଗାଁରେ ବେଳବେଳେ ରଙ୍ଗମାଉସୀର ସାହାଯ୍ୟରେ ଲୋକାଭିମୁଖୀ କାର୍ଯ୍ୟକ୍ରମ କରେ। ସିଏ କହିବା କଥା ସରକାର କ'ଣ ଚାଉଳପରିକା ଲେମ୍ବୁ ବାଂଟିବେ! ଏମିତି ସମ୍ଭବ ନୁହେଁ। ଏସବୁ ଘୋଟାଲାକୁ ନିମନ୍ତ୍ରଣ ଦେବ। ନେତା କିଣିବେ, କହିବେ ଦଶ ଲକ୍ଷଟଙ୍କାର ଲେମ୍ବୁ ସଡିଗଲା। କିଏ ତାଙ୍କର କ'ଣ କରିବ! ଫାଇଭ୍ ଟି ହେଉ କି ଟେନ୍ ଟି ହେଉ, କେହି ତାଙ୍କର କିଛି କରିପାରିବେନି। ଏଇ କିଛି କରଦିଆ ଲୋକଙ୍କ ଝାଳବୁହା ଧନ ନିଆଁପୁଆଁରେ ଯିବ। ବରଂ ଏବେ ସମୟ ଆସିଲାଣି ସେ ଟଙ୍କିକିଆ ଚାଉଳ ବନ୍ଦକରିବା ଉପରେ ଚିନ୍ତା କରିବା ଉଚିତ୍। ଏମିତି ବାଂଟିବାଂଟି ଶ୍ରୀଲଙ୍କା ଏବେ ଚାଇନା ଅଧୀନକୁ ପଳେଇଲାଣି। ଲୋକମାନେ ଖାଇବାକୁ ପାଉନାହାନ୍ତି। ଏଠି କି ମହଙ୍ଗା, ସେଠି ଲୋକ ମରିବାକୁ ଆରମ୍ଭ କଲେଣି। ତେଣୁ ଏହା ଆମମାନଙ୍କର ଆଖି ଖୋଲି ଜାଗ୍ରତ ହେବାର ସମୟ। କଥାଟି କଟୁ ହେଲେ ବି ଅପ୍ରିୟ ସତ୍ୟ ଯେ ଆମେମାନେ ମାଗଣା ଖାଇଖାଇ ଆମ ସରକାର ଉପରେ ନିର୍ଭରଶୀଳ ହୋଇଗଲେଣି। ଯୁବାବର୍ଗଠାରେ ଅଳସୁଆ ରୋଗ ଲକ୍ଷଣ ଏବଂ ନିଶାଖୋର ଗୁଣ ଅତିମାତ୍ରାରେ ଉତ୍ପନ୍ନ ହେବା ପରିଲକ୍ଷିତ ହେଲାଣି। ତେଣୁ ଏହା ଏକ ଭୟଙ୍କର ସାମାଜିକ ପତନାଭିମୁଖୀ ରୋଗ, ଯାହାର ଆଶୁ ଉପଚାର ନିହାତି ଦରକାର। ସରକାର ଏ ବିଷୟରେ ଚିନ୍ତା କରିବା ଏହି ପ୍ରକୃଷ୍ଟ ସମୟ, ନଚେତ୍ ସମସ୍ତ ଦେଶବାସୀଙ୍କୁ ଏହାର କୁପାରିଣାମ ଭୋଗିବାକୁ ହେବ। ବେଙ୍ଗନାନୀର ଏମିତି କଥାସବୁ ରଙ୍ଗମାଉସୀ ଭେଜାରେ ପଶିଲା ଯେ କିନ୍ତୁ ମନ ବୁଝିଲାନି। ଫେରିଲାବେଳେ ଗୁଣୁଗୁଣେଇ ମନକୁମନ କହୁଥିଲା, 'ଚାଉଳ କିଲୋ ଟଙ୍କାଏ ହେଲେ ଲେମ୍ବୁ ଗୋଟାକ ଦଶଟଙ୍କା!'




**ଇଂ. ବିଦ୍ୟାଧର ପଣ୍ଡା,** ଏମ୍ ଟେକ୍ (ପରିବେଶ) ଏଲ୍‌ଏଲ୍.ବି., ସମ୍ପାଦକ- ଦୈନିକ ଓଡିଆ ଖବରକାଗଜ "ସତ୍ୟାଗ୍ରହୀ", ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯, ମୋ-୯୪୩୯୧୨୮୦୫୦, Email id: satyagrahidaily@gmail.com




# ମହାରାଜା କୃଷ୍ଣଚନ୍ଦ୍ର ଗଜପତି


ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି

ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ। ତାଙ୍କ ନାମ ଅନୁସାରେ ଗଜପତି ଜିଲ୍ଲାର ନାମକରଣ ହୋଇଛି। ପ୍ରଥମ ବିଶ୍ୱଯୁଦ୍ଧରେ କ୍ୟାପେଟନ୍ ଦାୟିତ୍ୱ ତୁଲାଇଥିବା ଏହି ମହାନ ପୁରୁଷଙ୍କ ଓଡ଼ିଶା ଏବଂ ଓଡ଼ିଆ ଭାଷା ପ୍ରତି ଅତୁଟ ପ୍ରେମ ରହିଥିଲା। ଓଡ଼ିଆ ଭାଷା ସାହିତ୍ୟ, କଳା, ସଂସ୍କୃତି, କ୍ରୀଡ଼ା, ଅଶ୍ୱରୋହଣ ପ୍ରତି ତାଙ୍କର ରହିଥିଲା ଅହେତୁକ ଆଗ୍ରହ। ଗୋପବନ୍ଧୁ, ମଧୁସୂଦନ, ଫକୀରମୋହନ ଆଦିଙ୍କ ସହ ହାତ ମିଳାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ରାଜା କୃଷ୍ଣଚନ୍ଦ୍ର ଗଜପତି ଅଶେଷ ଯାଗଦାନ ଦେଇଥିଲେ। ଉତ୍କଳ ସମ୍ମିଳନୀର ସଦସ୍ୟ ଭାବେ ୧୯୩୦ ନଭେମ୍ବର



୧୬ ତାରିଖରେ ଲଣ୍ଡନରେ ଆୟୋଜିତ ଗୋଲ୍ ଟେବୁଲ ବୈଠକରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସେ ଇଂରେଜ ସରକାରଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ତାଙ୍କରି ଏହି ପ୍ରସ୍ତାବ ବାସ୍ତବ ରୂପ ନେଇଥିଲା। ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ଆମ ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହେବାର ଗୌରବ ଲାଭ କଲା। ସେ ସ୍ୱତନ୍ତ୍ର ଉତ୍କଳର ପ୍ରଥମ ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କଲେ। ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ ବଡ଼ମେଡ଼ିକାଲ, କଟକ ବିଦ୍ୟାଧରପୁର ଠାରେ ଧାନ ଗବେଷଣା କେନ୍ଦ୍ର ଆଦି ଅନୁଷ୍ଠାନ ସମେତ ବହୁ ଶିକ୍ଷାନୁଷ୍ଠାନ, ଶିଳ୍ପକେନ୍ଦ୍ର, ଡାକ୍ତରଖାନା ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ତାଙ୍କରି ଯୋଗୁଁ ଦକ୍ଷିଣ ଓଡ଼ିଶାରେ କୃଷି ଏବଂ ଜଳସେଚନ ବ୍ୟବସ୍ଥାର ବ୍ୟାପକ ବିକାଶ ହୋଇପାରିଥିଲା। ଗଞ୍ଜାମ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି ରୂପେ ପରିଚିତ ହୋଇପାରିଥିଲା। ଦେଶ ବିଦେଶରୁ ବହୁ ଉପାଧି ପ୍ରାପ୍ତ କରିଥିବା ରାଜା କୃଷ୍ଣଚନ୍ଦ୍ର ଗଜପତି ଇଂଲଣ୍ଡ ସରକାରଙ୍କ ଠାରୁ ସମ୍ମାନଜନକ ନାଇଟହୁଡ଼୍ ଉପାଧିରେ ସମ୍ମାନିତ ହୋଇଥିଲେ। ଭାରତୀୟ ସମ୍ବିଧାନ ପ୍ରଣୟନରେ ମଧ୍ୟ ତାଙ୍କର ଯୋଗଦାନ ରହିଥିଲା। ଓଡ଼ିଶା ମାଟିର ଏହି ବରପୁତ୍ର ୧୮୯୨ ମସିହା ଏପ୍ରିଲ ୨୬ ତାରିଖରେ ପାରଳାଖେମୁଣ୍ଡି ରାଜ ପରିବାରରେ ଜନ୍ମ ଗ୍ରହଣ କରିଥିଲେ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
E-mail : badal009bhuyan@gmail.com

## ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ବସ୍ତା ବ୍ଲକ ଅମରର୍ଦାରୋଡ ନଟକଟା ପଞ୍ଚାୟତର ହଦମୌଦ ଗ୍ରାମର ଦୁର୍ଗାପୂଜା ପଡ଼ିଆ ଠାରେ ନୂତନ ଭାବେ ନିର୍ମାଣ କରାଯାଇଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଓ ନୂତନ ବିଗ୍ରହ ସ୍ଥାପନ ଉତ୍ସବ ଗତ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ହଦମୌଦ ଗ୍ରାମର ମହିଳା ଓ ପୁରୁଷଙ୍କ ଦ୍ୱାରା କଳଶ ସୋଭା ଯାତ୍ରା ବାହାରି ପବିତ୍ର ପୋଖରୀରୁ ଘଟଉତ୍ତୋଳନ କରାଯାଇ ଯଜ୍ଞ ସ୍ଥଳକୁ କଳଶ ନିଆଯାଇଥିଲା। ମୁଖ୍ୟ ପୂଜକ ଲକ୍ଷ୍ମୀକାନ୍ତ ସତପଥୀ, ମଦନ ମୋହନ ମିଶ୍ର, ସୁରେଶ ଚନ୍ଦ୍ର ମିଶ୍ର, ରବି ନାରାୟଣ ସତପଥୀ ଓ ଦିଗବିଜୟ ନନ୍ଦଙ୍କ ଦ୍ୱାରା ପୂଜା ବିଗ୍ରହ ସ୍ଥାପନ ଏବଂ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ବାନପ୍ରସ୍ତଙ୍କ ଦ୍ୱାରା ଯଜ୍ଞ ପରିଚାଳନା କରାଯାଇଥିବା ବେଳେ ରତ୍ନମୁଦି କାର୍ଯ୍ୟକ୍ରମ ବିନୋଦ ବିହାରୀ ପୁରୀଙ୍କ ଦ୍ୱରା ସମାପନ କରାଯାଇଥିଲା। ହରପ୍ରିୟା ପୁରୀ ଓ ରଞ୍ଜିତ ପୁରୀ ସଂକଳ୍ପରେ ବସିଥିବା ବେଳେ ମନ୍ଦିର କମିଟି ହରି ଚଣ୍ଡ, ଦିନକୃଷ୍ଣ ଦତ୍ତ, ରଞ୍ଜନ କୁମାର ଭଦ୍ର ଓ ଗ୍ରାମବାସୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇ ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିଥିଲେ।

## ଲୋକନାଥ ଦେବଙ୍କ ତ୍ରୟୋଦଶ ବିଶ୍ୱଶାନ୍ତି ମହାଯଜ୍ଞ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ନିକଟସ୍ଥ ପଣ୍ଡାଳମ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ତ୍ରୟୋଦଶ ବିଶ୍ୱଶାଁ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ଚାରି ଦିନ ଧରି ଚାଲିବା ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରୁ ବୈଦିକ ରିତିନୀତି ଅନୁଯାୟୀ କଳସ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ଲୋକନାଥ ଦେବ ଯୁବ ନାଟ୍ୟ ସଂସଦ ପକ୍ଷରୁ "ଦୌପଦୀ ଲେଖୁଛି ମହାଭାରତ" ନାଟକ ମଂଚସ୍ଥ ହୋଇଥିଲା।

# ଓଟିଭି ପାଲଟିଛି ସାମ୍ପ୍ରତିକ ସମାଜର ମାଦଳା ପାଞ୍ଜି

ବାଲେଶ୍ୱର (ପିଏନ୍)-ଓଡ଼ିଆ ଟେଲିଭିଜନ ଇତିମଧ୍ୟରେ ଏହା ରୌପ୍ୟ ଜୟନ୍ତୀ ଅର୍ଥାତ ୨୫ ବର୍ଷ ପୂରଣ କରିସାରିଛି। ପ୍ରବାଦପୁରୁଷ ତଥା ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମହାପ୍ରୟାଣର ସିଧା ପ୍ରସାରଣ କରି ପୁରୀରୁ ନିଜର ଜୟଯାତ୍ରା ଆରମ୍ଭ କରିଥିବା ଓଟିଭି ଅନେକ ଘାତ ପ୍ରତିଘାତ ଦେଇ ଇତି ମଧ୍ୟରେ ୨୫ ବର୍ଷ ଅତିକ୍ରମ କରିଛି। ଓଡ଼ିଶା ତଥା ସର୍ବ ଭାରତୀୟ କ୍ଷେତ୍ରରେ ଘଟୁଥିବା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଚିତ୍ରକୁ ଜନ ମାନସରେ ପ୍ରକାଶ କରିବାର ଗୁରୁ ଦାୟିତ୍ୱ ନେଇଛି ଓଟିଭି। ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୁସାହିତ୍ୟକ ରାଜନେତା ପ୍ରଫୁଲ୍ଲ କରଙ୍କର ଦେହାବସାନର ସ୍ୱର୍ଗଦ୍ୱାର ଯାତ୍ରା ସିଧା ପ୍ରସାରଣର ସୁଯୋଗ ମଧ୍ୟ ନେଇଛି ଓଟିଭି। ଜଗନ୍ନାଥ ମହାପ୍ରଭୁଙ୍କର ମନ୍ଦିର ରେ ଦୈନନ୍ଦିନ ଘଟଣା ପୁରୀକୁ ଲିପିବଦ୍ଧ କରୁଥିବା ମାଦଳା ପାଞ୍ଜି କରି ସାମ୍ପ୍ରତିକ ଘଟଣାବଳିକୁ ଲୋକଲୋଚନକୁ ଆଣିବାର ପ୍ରମୁଖ ଭୂମିକା ନେଇଛି ଓଟିଭି। ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପରମିଟ ପଡ଼ିଆ ସଲଗ୍ନ ଆତିଥ୍ୟ ସଭାଗୃହରେ ଅପରାହ୍ନ ୩ ଘଣ୍ଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଏପ୍ରିଲ ୧୭ରେ ଏହାର ସନକ୍ଷେତ୍ର ଉତ୍ସବ ଜିଲ୍ଲା ପ୍ରତିନିଧି ରଶ୍ମିରଞ୍ଜନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଳେଶ୍ୱର ପ୍ରତିନିଧି ଅଜିତ୍ ଦାସ, ବାଲେଶ୍ୱର ପ୍ରତିନିଧି ରଞ୍ଜିତ ପାକଳ, ନୀଳଗିରିର ବିଶ୍ୱମ୍ବର ଦାସ, ସୋର ପ୍ରତିନିଧି, ମୟୁରଭଞ୍ଜ ପ୍ରତିନିଧି ମାଣିକଲାଲ ପାଣୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କବି ପ୍ରଶାନ୍ତ ଦାସ, ଆଡ଼ଭୋକେଟ କାହ୍ନୁ ଚରଣ ବେହେରା, ଅବସର ପ୍ରାପ୍ତ ଏସପି ସନ୍ତୋଶ ନାୟକ,ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ଡାକ୍ତର ସାନ୍ତନୁ ଦାସ, ବିକ୍ରମ ପଣ୍ଡା, ଉପେନ୍ଦ୍ର ପାତ୍ର, କାଞ୍ଚନବାଳା ପାତ୍ର ପ୍ରମୁଖ ଏଥିରେ ଶୁଭେଚ୍ଛା ବାର୍ତା ପ୍ରଦାନ କରିଥିଲେ। ଏହି ଅବସରରେ କେକ୍ କଟାଯାଇଥିଲା ଏବଂ ଯୁବ ସଂଗୀତ କଣ୍ଠଶିଳ୍ପି ସୁଜିତ ଭୋଇ ଓ ରିନାରାଣୀ ମିଶ୍ର ପ୍ରମୁଖଙ୍କ ସଂଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ହୁଇଲ ଚେୟାର ପ୍ରଦାନ



ଯୋଡା (ପିଏନ୍): ଖଣି ଅଞ୍ଚଳର ସୁନାମଧନ୍ୟ ସ୍ୱେଚ୍ଛାସେବୀ ସଂସ୍ଥା ଆସ୍ଥା ଗ୍ରୁପ ବଡବିଲ ଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ମହିଳାମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛି । ଏହି ଗ୍ରୁପ ତରଫରୁ ବଡବିଲ ସିଏଚସିକୁ ଏକ ହୁଇଲ ଚେୟାର ଶାରିରୀକ ବିକଳାଙ୍ଗ ରୋଗୀମାନଙ୍କ ବ୍ୟବହାର ନିମନ୍ତେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଡଃ ଏସ.ସାମଲ,ଡଃ ସିମରନ ପ୍ରଧାନଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ଆସ୍ଥା ଗ୍ରୁପ ଅଧକ୍ଷା ଗୌରୀ ମହାପାତ୍ର,ଜୀନତ ରକିମ,କାକୋଲି ଷଡଙ୍ଗୀ,ପୂଜା ଅଗ୍ରୱାଲ,ସସ୍ମିତା ମହାଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଏହି ହୁଇଲ ଚେୟାର ପ୍ରଦାନ କରିଥିଲେ । ଆସ୍ଥା ଗ୍ରୁପର ଏପରି ସାମାଜିକ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିବ ବୋଲି ଏହି ଅବସରରେ କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ ।

# ପଣ୍ଡିତ ବାଇଧର ଦାଶ ସ୍ମୃତି ସଂସଦ ପକ୍ଷରୁ ସ୍ମୃତି ସୌରଭ ପୁସ୍ତକ ଉନ୍ମୋଚିତ

ଯାଜପୁର (ପିଏନ୍): ଯାଜପୁର ଟାଉନ ସ୍ଥିତ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ପଣ୍ଡିତ ବାଇଧର ଦାଶ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ମୃତି ସଭା ଓ ସ୍ମୃତି ସୌରଭ ପତ୍ରିକାର ଲୋକାର୍ପଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯାଜପୁର ପୌରପାଳିକାର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ ଓ ଉଦ୍‌ଘାଟକ ଭାବେ ବିରଜା ସେବାୟତ ପରିଷଦର ସଭାପତି ଦେବୀପ୍ରସାଦ ପାଣି ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି, ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ଜୟନ୍ତ ଗୋସ୍ୱାମୀ, ସମ୍ମାନନୀୟ ଅତିଥି ଭାବେ ଯାଜପୁର ପ୍ରେସ୍ କ୍ଲବ ସଭାପତି ରାଜୀବ ମହାନ୍ତି ଓ ପଣ୍ଡିତ ବାଇଧର ଦାଶଙ୍କ ସୁଯୋଗ୍ୟ ନାତି ଆଦିତ୍ୟ ଦାଶଙ୍କୁ ଅନୁଷ୍ଠାନର ସମ୍ପାଦକ ତଥା ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରହର ସ୍ୱାଇଁ ଅତିଥିମାନଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମା'ବିରଜା, ଅଭିରାମ ପରମହଂସ ଓ ପଣ୍ଡିତ ବାଇଧର ଦାଶଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ପରେ ଅତିଥି ମାନେ ପଣ୍ଡିତ ବାଇଧର ଦାଶଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୂଜ୍ୟପାଦ ପୂର୍ଣ୍ଣାତ୍ମା ପଣ୍ଡିତ ବାଇଧର ଦାଶଙ୍କ ପବିତ୍ର ସ୍ମୃତିରେ ପ୍ରତିବର୍ଷ ଜଣେ ଯୋଗ୍ୟ ପଣ୍ଡିତଙ୍କୁ ପଣ୍ଡିତ ବାଇଧର ଦାଶ ସମ୍ମାନରେ ସମ୍ମାନିତ କରାଯିବର କାର୍ଯ୍ୟକ୍ରମ ରହିଅଛି। ଅନୁଷ୍ଠାନର ନିଷ୍ପତି ଅନୁଯାୟୀ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ମହାଗୁରୁ ଉପାଧି, ବିରଜା ରତ୍ନ ରାଜ୍ୟପାଳ ପୁରସ୍କାର ଭଳି ବହୁ ଅନୁଷ୍ଠାନରୁ ବିବେଚିତ ହୋଇଥିବା ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କୁ ମୁଖ୍ୟ ଅତିଥି ସନ୍ତୋଷ କୁମାର ମଲ୍ଲିକ ସମ୍ମାନିତ କରିଛନ୍ତି। ବିରଜା ସେବାୟତ ପରିଷଦ ପଣ୍ଡିତ ଓ ଅନ୍ୱେଷଣ ଥିଏଟର ଗ୍ରୁପ ସଦସ୍ୟ ଓ ସଦସ୍ୟା ମାନଙ୍କୁ ପକ୍ଷରୁ ତାଙ୍କ ସୁଯୋଗ୍ୟ ନାତି ଆଦିତ୍ୟ ଦାସଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବାଇଧର ଦାଶଙ୍କ ସମ୍ପର୍କରେ ଆଧାପକ ରଂଜିତ ସିଂ, ଡକ୍ଟର ରବି ରାଉତରାୟ, ସାହିତ୍ୟିକ ନଟବର ଦାସ, ବୃନ୍ଦାବନ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଛନ୍ତି। ସ୍ମୃତି ସୌରଭରେ ପଣ୍ଡିତ ବାଇଧର ଦାସଙ୍କ ସମ୍ପର୍କରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ନାତି ଆଦିତ୍ୟ ଦାସ, ସାମ୍ବାଦିକ ହରିହର ସ୍ୱାଇଁ, ଅଧାପିକା ବିଜୟିନୀ ପାକିଜା ସାମଲ, ଅମୂଲ୍ୟ କୁମାର ମିଶ୍ର, ପୁତୁରା ବଳରାମ, ଝିଆରି ଟୁନିଆ ଲେଖିଥିବା ବେଳେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ତାଙ୍କ ସମ୍ପର୍କରେ ବାର୍ତ୍ତା ଦେଇଛନ୍ତି। ସଂସଦ ପକ୍ଷରୁ ଏକ ଆଧାତ୍ମିକ ଚ୍ୟାନେଲ ଅଭିନ୍ନ ନିୟୁଜ କୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବାଇଧର ଦାଶଙ୍କୁ ଭଲ ପାଉଥିବା ଗୁଣି ବ୍ୟକ୍ତିତ୍ୱ ଓ ପରିବାର ବର୍ଗ ଓ ଶୁଭେଚ୍ଛୁ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସାମାଜିକ ସନ୍ତୁଳନ ପାଇଁ ବ୍ୟଙ୍ଗ କଟାକ୍ଷ ଲୋଡ଼ା

ଖୋର୍ଦ୍ଧା (ପିଏନ୍): ହାସ୍ୟରସ ବା କଟାକ୍ଷ ହେଉଛି ଆମ ସାହିତ୍ୟର ବଡ଼ ଅଙ୍ଗ। ଏହା ମାଧ୍ୟମରେ ସମାଜର ବିଭିନ୍ନ ତ୍ରୁଟି ବିଚ୍ୟୁତିକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବ୍ୟଙ୍ଗ କଥାକାର ତଥା ନାଚୁଣୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କ ରମ୍ୟଗଳ୍ପ ସଂକଳନ 'କାଙ୍ଗାଳୀ ଗୁରୁ' ଲୋକାର୍ପିତ ହୋଇଯାଇଛି। ପବିତ୍ର ଶ୍ରୀରାମ ନବମୀ ଅବସରରେ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଆମରିସତ୍ୟ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ସଂଭାଷଣ ଦେଇ ପୁସ୍ତକର ଲେଖକ ଡ. ନାୟକ କହିଥିଲେ ଯେ, ସ୍କୁଲରେ ପଢିବାବେଳୁ ସେ ଲେଖାଲେଖି ଆରଂଭ କରିଛନ୍ତି। ସମାଜକୁ ଉଚିତ ମାର୍ଗଦର୍ଶନ ପାଇଁ ନାଟକ ତଥା ବ୍ୟଙ୍ଗ ମାଧ୍ୟମରେ ପ୍ରୟାସ କରିଆସିଛନ୍ତି। କାଙ୍ଗାଳୀ ଗୁରୁ ଗଳ୍ପଟି ପ୍ରଥମେ ୨୦୦୯ ମସିହାରେ ପ୍ରାଣନାଥ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ 'ପ୍ରତୀକ'ରେ ପ୍ରକାଶ ପାଇଁ ଆଦୃତି ଲାଭ କରିଥିଲା। ତେଣୁ ଏହି ନାମରେ ପୁସ୍ତକର ନାମକରଣ କରାଯାଇଥିବାବେଳେ କାଙ୍ଗାଳୀ ବାବା ସମେତ ସମୁଦାୟ ୧୫ଟି ଗପ ଏଥିରେ ସନ୍ନିବେଶିତ କରାଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଧାୟକ ଜିତୁ ମିତ୍ର ଯୋଗଦେଇ ପୁସ୍ତକଟି ବିପଥଗାମୀ ସମାଜକୁ ସୁଧାରିବାରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବୀରବଲ, ଯଦୁମଣି, ଗୋପାଳ ଭାଣ୍ଡ ପ୍ରମୁଖଙ୍କ ଉଦାହରଣ ଦେଇ ଛୋଟ ଛୋଟ କାହାଣୀର ଅବତାରଣା କରିଥିଲେ, ଯାହାକି ହାସ୍ୟରୋଳ ସୃଷ୍ଟି କରିଥିଲା। ରାଜନୈତିକ ତଥା ସମାଜିକ ବ୍ୟବସ୍ଥା ପ୍ରତି କଟାକ୍ଷ ହେଲେ ତୋଷାମୋଦକାରୀଙ୍କ ନ୍ୟସ୍ତ ସ୍ୱାର୍ଥରେ ଅଙ୍କୁଶ ଲାଗିବା ସହ ସାମାଜିକ ସନ୍ତୁଳନ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ ଯେ, ଡ. ନାୟକ ପ୍ରାଣନାଥ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଥିବାବେଳେ ତାଙ୍କର ପ୍ରଥମ ବ୍ୟଙ୍ଗପୁସ୍ତକ 'ମଖନବାଜି' ଲେଖି ଉଚ୍ଚପ୍ରଶଂସିତ ହୋଇଥିଲେ। ସଂପ୍ରତି 'କାଙ୍ଗାଳୀ ଗୁରୁ' ପୁସ୍ତକ ସେହିଭଳି ପାଠକୀୟ ଆଦୃତି ଲାଭ କରିବ ବୋଲି ସେ ଆଶାପ୍ରକଟ କରିଥିଲେ। ବରେଣ୍ୟ ଅତିଥି ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ଡ. ବିଭୂତି ଭୂଷଣ ମିଶ୍ର ପୁସ୍ତକର ଅନୁଶୀଳନ ପୂର୍ବକ କହିଥିଲେ ଯେ, ବିଜ୍ଞାନଭିତ୍ତିକ ଲେଖା ଅପେକ୍ଷା ରମ୍ୟ ରଚନା କଷ୍ଟକର। ଚରିତ୍ର ଭିତରେ ପଶିଲେ ଯାଇ ଲେଖିପାରିବେ, ଯାହା ଡ. ନାୟକ କରିଛନ୍ତି। ସମ୍ମାନିତ ଅତିଥି ବିଶିଷ୍ଟ କଥାକାର ଡ. ପଦ୍ମଜ ପାଳ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଲେଖକ ସମାଜ ପ୍ରତି ସଚେତନ ରହି ନିଜକୁ ଉନ୍ମୁକ୍ତ କଲେ ଲେଖା ବଳଶାଳୀ ହୁଏ। ଅନ୍ୟତମ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ତଥା ସାହିତ୍ୟିକ ଡ. ଶରଚ୍ଚନ୍ଦ୍ର ମହାପାତ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟର ବ୍ୟଙ୍ଗସାହିତ୍ୟ ସଂପର୍କରେ ତୁଳନାତ୍ମକ ବିଶ୍ଳେଷଣ କରିଥିଲେ। ଅବସରପ୍ରାପ୍ତ ମୁଖ୍ୟ ବନ ସରଂକ୍ଷକ ତଥା ପ୍ରାବନ୍ଧିକ ବିଜୟ କେତନ ପଟ୍ଟନାୟକ ନିଜର ସଂକ୍ଷିପ୍ତ ଭାଷଣରେ ସାମାନ୍ୟ କଟାକ୍ଷ ଓ ଶାଣିତ କଟାକ୍ଷ ସଂପର୍କରେ ବିଶ୍ଳେଷଣ କରିଥିଲେ। ଆବାହକ ଡ. ପ୍ରମୋଦ ଚନ୍ଦ୍ର ଦାଶ ପୁସ୍ତକରେ ସ୍ଥାନ ପାଇଥିବା ବିଭିନ୍ନ ଗପ କାଙ୍ଗାଳୀ ଗୁରୁ, ଆଉ ଜଣେ ଠେଙ୍ଗୁ ଦାସ, ପଞ୍ଚୁ ସପକ୍ଷରେ, ଅତିଭକ୍ତି, ଧଣ୍ଡବୁଢା,ବାନା ସାର, ବାୟା ସାର୍, ପିତା ଓ ପୁତ୍ର, ଅନେଶତ ବ୍ରତ, ମାରନା ସେ ମଲାଣି, ନିରୁଦ୍ଦିଷ୍ଟ କଲମ, ସାଆନ୍ତଙ୍କ ଗଳ୍ପ: ଗୋପପୁର, ଅଜାଙ୍କ ଗଳ୍ପ: ବ୍ରହ୍ମରାକ୍ଷସ, ବୋଉର ଗଳ୍ପ: କିଏରେ କିଏରେ, ବଡ଼ ପିଉସୀ, ସାନ ପିଉସୀ ଆଦିର ସମୀକ୍ଷା କରିଥିଲେ। ଖୋର୍ଦ୍ଧା, ଭୁବନେଶ୍ୱର, ଜଟଣୀ, ବାଣପୁର, ବାଙ୍କୀ ତଥା ବିଭିନ୍ନ ଅଂଚଳରୁ ଆସିଥିବା କବି, ସାହିତ୍ୟିକ ତଥା ବୁଦ୍ଧିଜୀବୀମାନଙ୍କୁ ଲେଖକ ଡ. ନାୟକ ପୁସ୍ତକ ଉପହାର ଦେଇଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ଭୀମସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବାବେଳେ ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
**MPS PLAY HOME**
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

**ADMISSION ON**
**MAHARISHI PUBLIC SCHOOL**
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସମାଜସେବୀ ଦୀନେଶ ଚନ୍ଦ୍ରଙ୍କ ସ୍ମୃତିରେ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ)- ସମାଜସେବୀ ଁ ଦୀନେଶ ଚନ୍ଦ୍ର ମହାପାତ୍ରଙ୍କ ଏକାଦଶାହ ପାଳନ ଅବସରରେ ତାଙ୍କ ସ୍ମୃତିରେ ସ୍ଥାନୀୟ ନନ୍ଦିଘୋଷ ଭବନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରର ପ୍ରାରମ୍ଭରେ କାର୍ଯ୍ୟକ୍ରମ ଆବାହକ ସମାଜସେବୀ ମାୟାଧର ବରାଡ଼ ଉପସ୍ଥିତ ଅତିଥି ଓ ରକ୍ତଦାତାମାନଙ୍କୁ ସ୍ୱାଗତ କରିଥିଲେ। ପରେ ଦିବଂଗତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପରମାନନ୍ଦ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ବିଶିଷ୍ଟ ପରିବେଶ ବିଜ୍ଞାନୀ ପ୍ରଫେସର ଡ଼ଃ. ସୁନନ୍ଦ ଚନ୍ଦ୍ର ପ୍ରଧାନ, କବୟିତ୍ରୀ ଉଷା ମିଶ୍ର, ପୂର୍ବତନ ଅଧକ୍ଷ ରବୀନ୍ଦ୍ରନାଥ ମହାଁ, ପ୍ରାଧାପକ କର୍ମୋଦୟ ଛୋଟରାୟ, ଅଧାପକ ରଙ୍କନାଥ ମହାରଣା, ସମାଜସେବୀ ଶ୍ରୀନିବାସ ଛୋଟରାୟ, ସୟ କୁମାର ସୁବୁଦ୍ଧି, ସତ୍ୟବ୍ରତ ମହାପାତ୍ର, ରବିନାରାୟଣ ଦତ, ସଂୋଷ କୁମାର ବୈରୀଗନ, ବୈଦ୍ୟନାଥ ହୋତା, ସୟ ପଟ୍ଟନାୟକ ଓ ମୁନା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ରକ୍ତଭଣ୍ଡାରର ଡ଼ାକ୍ତର ଡ଼ା. ବର୍ଷାବୈଶାଖୀ ପଣ୍ଡା, ଲ୍ୟାବ୍ ଟେକ୍ନେସିୟାନ୍ ଅରୁଣ କୁମାର ସାହୁ ଓ ବିଚିସ୍ମିତା ପୁହାଣ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ଯୋଗେଶ୍ୱର ପଣ୍ଡା ପରିଚ୍ଛଳନା କରିଥିଲେ।

## ଶାକାହାରୀ ରଙ୍ଗଣୀ ସମାଜ ପକ୍ଷରୁ ରକ୍ତଦାନ ଶିବିର

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ନହଙ୍ଗାପାଟଣା ହାଇସ୍କୁଲଠାରେ ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜ ଯାଜପୁର ଶାଖାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଜୟ କୁମାର ସାହୁ ଓ ସଂପାଦକ ଶ୍ରୀଧର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିରକୁ ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲ୍ଲିକ, ସରପଂଚ ନିମାଇଁ ମଲିକ, ବିଜେଡି ନିର୍ବାଚନ ମଣ୍ଡଳୀ ସଭାପତି ତଥା ଅନୁଷ୍ଠାନର ଉପଦେଷ୍ଟା ଜଳଧର ସାହୁ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସମାଜସେବୀ ରତ୍ନାକର ସାହୁ, ସୁଧାଂଶୁ ସାହୁ, ଗଗନ ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଭ୍ୟମାନେ ଉପସ୍ଥିତ ଥିଲେ । ଏହି ରକ୍ତଦାନ ଶିବିରରେ ୪୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଗୋପାଳନ ନିମନ୍ତେ ତାଲିମ ଶିବିର ଉଦ୍‌ଯାପିତ




ଧର୍ମଶାଳା (ପିଏନ୍): ଜାରକାଠାରେ ଧର୍ମଶାଳା ପ୍ରାଣୀସଂପଦ ବିଭାଗ ପକ୍ଷରୁ ଗୋପାଳନ ନିମନ୍ତେ ମହିଳା ଚାଷୀମାନଙ୍କୁ ନେଇ ଦୁଇଦିନିଆ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଧର୍ମଶାଳା ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡା. ରଂଜନ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତାଲିମ ଶିବିରରେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଚନ୍ଦ୍ରଭାନୁ ମହାନ୍ତି ଅତିଥି ଭାବେ ଯୋଗଦେଇ ଗୋପାଳନ ଯୋଜନା ଗୁଡିକ ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁବାସ ଚନ୍ଦ୍ର ଜେନା, ଡା. ନିବେଦିତା ସାହୁ, ଡା. ଦିପ୍ତିମୟୀ ସାହୁ ଗୁହାଳ, ଖାଦ୍ୟ ଓ ରୋଗ ନିରାକରଣ ଉପରେ ଆଲୋକପାତ କରିଥିଲେ। ମହିଳାମାନେ ଏହି ଗୋପାଳନ କାର୍ଯ୍ୟକରି ନିଜେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତ ପ୍ରକାଶ ପାଇଥିଲା। ପ୍ରାଣୀ ସଂପଦ ବିଭାଗ କର୍ମଚାରୀ ପ୍ରଫୁଲ୍ଲ କୁମାର ମହାଁ, ଶ୍ରୀନିବାସ ଧଳ, ସର୍ବେଶ୍ୱର ଶତପଥୀ, ଦାଶରଥୀ ମଲିକ, ବ୍ରଜ କିଶୋର ଖିଲାର, ଅମୂଲ୍ୟ କୁମାର ସ୍ୱାଇଁ ଶିବିରକୁ ପରିଚାଳନା କରିଥିଲେ। ଏହି ଅବସରରେ ସାରୋଇ ଗ୍ରାମର ଅନୁସୟା ନାୟକ, ମଙ୍ଗରାଜପୁରର ଉର୍ମିଳା ଖଟୁଆ, ସୁନ୍ଦରିଆ ଗ୍ରାମର ସଂଘମିତ୍ରା ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମଚାରୀ ଯତୀନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ଧର୍ମଶାଳା ମହିଳା କଲେଜ୍ ସ୍ମାର୍ଟ କ୍ଲାସ୍‌ରୁମ୍ ପରିଦର୍ଶନ



ଧର୍ମଶାଳା (ପିଏନ୍): ଧର୍ମଶାଳା ମହିଳା ମହାବିଦ୍ୟାଳୟ ୫-ଟି ଅଧିନରେ ରହିଥିବା ବେଳେ ଏହାର ବିକାଶ ସହ ନବନିର୍ମିତ ସ୍ମାର୍ଟକ୍ଲାସ ଗୃହକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି । ମହାବିଦ୍ୟାଳୟର ଉନ୍ନତିକରଣ ଦିଗରେ ପ୍ରସ୍ତାବ ଦେଇ ଏହାର ସୁରକ୍ଷା ଓ ପରିସର ସୌନ୍ଦର୍ଯ୍ୟକରଣ ଉପରେ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ସହ ଆଲୋଚନା କରିଥିଲେ । ପରିଦର୍ଶନ ସମୟରେ ବିଭାଗୀୟ ଇଂ ରତ୍ନାକର ସାହୁ, କ୍ଷୀତିଶ ନାୟକ, ସୁଶାନ୍ତ କୁମାର ନାୟକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।




# ବିଧାନସଭା ପରିସରରେ ପାରଳା ମହାରାଜାଙ୍କ ଜୟନ୍ତୀ ପାଳିତ : କୃଷ୍ଣଚନ୍ଦ୍ର ଗଜପତି ନବଉତ୍କଳରର ଅନ୍ୟତମ ନିର୍ମାତା ଥିଲେ: ବାଚସ୍ପତି

ଭୁବନେଶ୍ୱର, (ପି.ଏନ): ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୦ତମ ଜୟନ୍ତୀ ଓଡ଼ିଶା ବିଧାନସଭା ପରିସରରେ ପାଳିତ ହୋଇଯାଇଛି। ବିଧାନସଭା ପରିସରରେ ଥିବା ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ବାଚସ୍ପତି ଡ଼ଃ. ସୂର୍ଯ୍ୟନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ଉତ୍କଳ ସମ୍ମିଳନୀର ସଭାପତି ପ୍ରଫେସର ଅଦ୍ୱେତ କୁମାର ପାତ୍ର, ବିଧାନସଭା ସଚିବ ଦାଶରଥୀ ଶତପଥୀ, ନିର୍ଦ୍ଦେଶକ(ଗବେଷଣା) କୃପାସିନ୍ଧୁ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।ଭାରତର ପ୍ରଥମ ରାଜ୍ୟ ଭାବେ ଭାଷାଭିତିକ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ନବଉତ୍କଳ ଗଠନ ହେଲା ପରେ ୧୯୩୭ ଅପ୍ରେଲ ୧ ତାରିଖରେ ସେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଗୁରୁଦାୟିତ୍ୱ ବହନ କରିଥିଲେ। ପରେ ୧୯୪୧ ମସିହା ନଭେମ୍ବର ମାସଠାରୁ ୧୯୪୪ ମସିହା ଜୁନ ମାସ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବେ ନାରୀଶିକ୍ଷାର ଉନ୍ନତି, ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାପନା, ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନ, ଓଡ଼ିଆ ଭାଷାର ପ୍ରଚାରପ୍ରସାର, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷର ବିକାଶ ପାଇଁ ବିବିଧ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିଲେ। ସେ ନବଉତ୍କଳର ଅନ୍ୟତମ ନିର୍ମାତା ଥିଲେ ବୋଲି ବାଚସ୍ପତି ଓ ଅନ୍ୟ ଅତିଥିମାନେ ପ୍ରକାଶ କରିଥିଲେ। ପାରଳା ମହାରାଜାଙ୍କ ତ୍ୟାଗ ଏବଂ ଓଡ଼ିଶା ପ୍ରତି ଥିବା ଭଲପାଇବା ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ନ୍ୟାୟାଳୟ, କାର୍ଯ୍ୟାଳୟ ଓ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଆନ୍ତରିକ ଭାବରେ ବ୍ୟବହୃତ ହେଲେ ହିଁ ଏ ଭାଷା ସମୃଦ୍ଧ ହେବ ଏବଂ ବରପୁତ୍ରମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କଣ୍ଠଶିଳ୍ପୀମାନେ କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତିରେ ପ୍ରେରଣାଦାୟୀ ସଂଗୀତ ପରିବେଷଣ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ (ଗବେଷଣା) ଶିବ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ଦୁଇ ଦିନିଆ ପାରାଦୀପ ଗସ୍ତ ଶେଷ: ବିଭିନ୍ନ ସଂଗଠନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ପାରାଦୀପ,(ପି.ଏନ): କେନ୍ଦ୍ରୀୟ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଚଳିତ ଏପ୍ରିଲ ମାସ ୨୪ ଓ ୨୫ ତାରିଖ ଦୁଇ ଦିନିଆ ପାରାଦୀପ ଗସ୍ତରେ ଆସି ପାରାଦୀପ ବନ୍ଦରରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରି ଇଫକୋ ଠାରେ ନଦୀ ଭି□କ ଜେଟିର ଶୁଭାରମ୍ଭ କରି ସୋମବାର ଅପରାହ୍ନରେ ପ୍ରତ୍ୟାବ□ନ କରିଥିଲେ । ତେବେ ଏହି ଗସ୍ତ ସମୟରେ ବନ୍ଦରର ବିଭିନ୍ନ ସଂଗଠନର ନେତା ଓ ପ୍ରତିନିଧିମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ 'ଆମ ପାରାଦୀପ ଆମ ପ୍ରଗତି' ସଂଗଠନର ମୁଖ୍ୟ ଅରିନ୍ଦମ ସର୍ଖେଲ କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୋୱାଲଙ୍କୁ ଭେଟି ପାରାଦୀପ ବନ୍ଦରକୁ ବିଜୁ ପଟ୍ଟନାୟକ ବନ୍ଦର ଭାବେ ଘୋଷଣା, ବିମାନ ସେବା ଶୁଭାରମ୍ଭ, ନେହେରୁ ବଙ୍ଗଳା ମୁହାଣକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା, ସହର ଓ ବସ୍ତିରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା, ମୁଖ୍ୟ ମାର୍କେଟର ସୌନ୍ଦର୍ଯ୍ୟକରଣ ଓ ଭେଣ୍ଡିଙ୍ଗ ଜୋନ ପ୍ରତିଷ୍ଠା, ବସ୍ତି ଅଂଚଳରେ ବିଦ୍ୟୁତ ସେବା ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ସେହିପରି ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଯୁବନେତା ସମ୍ପଦ ସ୍ୱାଇଁ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ସ୍ୱାଗତ କରି ମନ୍ତ୍ରୀଙ୍କ ସହ ପାରାଦୀପର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଷଣ୍ଢକୁଦ ବସ୍ତିରେ ପାନୀୟ ଜଳ ବ୍ୟବସ୍ଥା, ବନ୍ଦରରେ କାର୍ଯ୍ୟ କରୁଥିବା ବହୁ ରାଷ୍ଟ୍ରୀୟ କମ୍ପାନୀରେ ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱ, ପାରାଦୀପ ବନ୍ଦର ଚିକିତ୍ସାଳୟରେ ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଉନ୍ନତ ମାନର ପରୀକ୍ଷାଗାର ନିର୍ମାଣ, ଉନ୍ନତ ମାନର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଓ ନେହେରୁ ବଙ୍ଗଳାର ପର୍ଯ୍ୟଟନ ସ୍ଥଳୀ ଘୋଷଣା ଓ ଏହାର ବିକାଶ ସମ୍ପର୍କିତ ଏକ ଦାବିପତ୍ର ଶ୍ରୀ ସ୍ୱାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଭାରତୀୟ ବନ୍ଦର ମଜଦୁର ସଂଘର ସାଧାରଣ ସମ୍ପାଦକ ଶ୍ରୀକା' ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ବନ୍ଦର ଓ ଡକ୍ କର୍ମଚାରୀଙ୍କ ମଜୁରୀ ବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, କର୍ମଚାରୀଙ୍କୁ ବନ୍ଦର ପକ୍ଷରୁ ଉ□ମ ସେବା ଯୋଗାଇବା, ବନ୍ଦର ଘରୋଇକରଣକୁ ବନ୍ଦ କରିବା, ବନ୍ଦରରେ ଖାଲି ଥିବା ପଦବୀ ପୂର୍ଣ୍ଣ କରିବା, ପୁରୁଣା ପେନଶନ ଯୋଜନା ଲାଗୁ କରିବା, ଉ□ମ ଚିକିତ୍ସା ସୁବିଧା, ଦଶ ବର୍ଷରୁ ଅଧିକ କାର୍ଯ୍ୟ କରିଥିବା ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା ଇତ୍ୟାଦି ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## ଓଡ଼ିଶାର ପ୍ରଥମ ନଦୀ ଭି□କ ବନ୍ଦର ଲୋକାର୍ପିତ

ପାରାଦୀପ,(ପି.ଏନ): ଆଜି ଦେଶର ବନ୍ଦର,ଜାହାଜ ଚଳାଚଳ,ଜଳମାର୍ଗ ଓ ଆୟୁଷ ବିଭାଗର ମାନ୍ୟବର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହାକୁ ଲୋକାର୍ପଣ କରିଛ଼ନ୍ତି । ସମବାୟ ଭି□କ ଏହି ସାର ଉତ୍ପାଦନକାରୀ ସଂସ୍ଥା ରାଜ୍ୟର ପ୍ରଥମ ନଦୀ ଭି□କ ବନ୍ଦର ପ୍ରତିଷ୍ଠା କରି ସଫଳତାର ଏକ ନୂଆ ଫର୍ଦ ଯୋଡିଛି । ଉଦଘାଟନୀ ସମାରୋହରେ ଯୋଗ ଦେଇ ମାନ୍ୟବର କେନ୍ଦ୍ରମନ୍ତ୍ରୀ କହିଥିଲେ ସଡକ,ରେଳ ଯୋଗେ ପଣ୍ୟ କାରବାର କଲେ ଖର୍ଚ୍ଚ ଅଧିକ ଲାଗିଥାଏ ଏଥି ସହିତ ରାସ୍ତା ଭିଡ ହେବା ସହ ପ୍ରଦୂଷଣ ସୃଷ୍ଟି ହୋଇଥାଏ, ମାତ୍ର ନଦୀ ମାଧମରେ ପଣ୍ୟ ପରିବହନ କଲେ ଖର୍ଚ୍ଚ କମ୍ ହୋଇଥାଏ । ପଣ୍ୟ ପରିବହନ କ୍ଷେତ୍ରରେ ଏହା ଏକ ମାଇଲଖୁ□ ସ୍ଥାପିତ ହୋଇଛି ବୋଲି କହିଥିଲେ । ସୋମବାର ଦିନ ଅନୁଷ୍ଠିତ ରାଜ୍ୟର ପ୍ରଥମ ନଦୀ ଭି□କ ବନ୍ଦର ଉଦଘାଟନୀ ସମାରୋହରେ ରାଜ୍ୟ ବାଣିଜ୍ୟ, ପରିବହନ,ଯୋଜନା ବିଭାଗର ମନ୍ତ୍ରୀ ପଦ୍ମନାଭ ବେହେରା,ରାଜ୍ୟ ଜଳସମ୍ପଦ,ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ,ପାରାଦୀପ ବିଧାୟକ ସମ୍ବିତ ରାଉତରାୟ,ଇଫକୋର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାକେଶ କାପୁର, ଆଇଡବ୍ଲ୍ୟୁଏଆଇ ର ଅଧକ୍ଷ ସଂଜୟ ବନ୍ଦୋପାଧ୍ୟାୟ, ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍.ହରନାଦ, ଇଫକୋର ଉପଦେଷ୍ଟା(ପ୍ଲା□ ହେଲଥ) କେ.ଏଲ୍.ସିଂ, ଇଫକୋର ବରିଷ୍ଠ ନିର୍ବାହୀ ନିର୍ଦ୍ଦେଶକ କେ.ଜେ.ପଟେଲ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଇଫକୋର ଏହି ସଫଳତାର ଉଚ୍ଚ ପ୍ରଶଂସା କରିଥିଲେ । ଓଡିଶାର ଅଗ୍ରଣୀ ବ୍ୟବସାୟୀକ ଅନୁଷ୍ଠାନ ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ୍ ଏହାର ନିର୍ମାଣ କାର୍ଯ୍ୟର ଦାୟିତ୍ୱ ନେଇଥିଲା । ଏହି ନଦୀ ଭି□କ ବନ୍ଦର ପ୍ରତିଷ୍ଠା ହେବା ରାଜ୍ୟ ତଥା ଦେଶ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଥିଲେ । ସମାରୋହ ପରେ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada


# ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଉ 'ବିଶ୍ୱ ଓଡ଼ିଶା' : ବାଚସ୍ପତି

ଭୁବନେଶ୍ୱର, (ପିଏନ): ଓଡ଼ିଶା ବିଧାନସଭା ପରିସରରେ ଅନୁଷ୍ଠିତ 'ବିଶ୍ୱ ଓଡ଼ିଶା' ରାଜ୍ୟ କାର୍ଯ୍ୟକାରିଣୀ ପରିଷଦର ଏକ ବିଶେଷ ବୈଠକରେ ବିଶ୍ୱ ଓଡ଼ିଶା ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଉ ବୋଲି ମତବ୍ୟକ୍ତ କରିଛନ୍ତି 'ବିଶ୍ୱ ଓଡ଼ିଶା'ର ସଭାପତି ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର।

'ବିଶ୍ୱ ଓଡ଼ିଶା' ସମଧର୍ମୀ ଅନେକ ଅନୁଷ୍ଠାନ ଓଡ଼ିଆ ସମ୍ମାନ, ସ୍ୱାଭିମାନ, ଆବେଗ ନେଇ ରାଜ୍ୟ ତଥା ରାଜ୍ୟ ବାହାରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ କାର୍ଯ୍ୟ କରୁଥିଲେ ସୁଦ୍ଧା 'ବିଶ୍ୱ ଓଡ଼ିଶା' ସମସ୍ତଙ୍କ ଠାରୁ ଭିନ୍ନ ହେଉ ଏବଂ ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଇ ଓଡ଼ିଶାର ସାମଗ୍ରିକ ବିକାଶର ଏକ କାର୍ଯ୍ୟବାହୀ ହେଉ ବୋଲି ଡ. ପାତ୍ର ତାଙ୍କର ସଭାପତିତ୍ୱ ପରାମର୍ଶ ଦେଇଥିଲେ।

'ବିଶ୍ୱ ଓଡ଼ିଶା' ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ବିଶ୍ୱବ୍ୟାପୀ ଓଡ଼ିଆ ଜାତୀୟତା ଜାଗରଣ ବା□ା ବହନ କରି ଏକ ଅଭିଯାନ ଆରମ୍ଭ କରିଛି ସେଥିପ୍ରତି ପ୍ରଶଂସା କରି ବିଶ୍ୱବ୍ୟାପୀ ବିସ୍ତାରିତ ହୋଇ ରହିଥିବା ଓଡ଼ିଆ ଭାଇଭଉଣୀଙ୍କୁ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ବିଶେଷତଃ ଦିଲ୍ଲୀ, ବାଙ୍ଗାଲୋର, ଚେନ୍ନାଇ, ମୁମ୍ବାଇ, ସୁରତ, କଲିକତା ଆଦି ମହାନଗର ମାନଙ୍କରେ ଗଢି ଉଠିଥିବା



ଓଡ଼ିଆ ଅନୁଷ୍ଠାନମାନଙ୍କୁ ପ୍ରଶଂସା କରି ସେମାନଙ୍କ ସହିତ ସମନ୍ୱୟ ରକ୍ଷା କରି 'ବିଶ୍ୱ ଓଡ଼ିଶା' କାର୍ଯ୍ୟ କରିବ ବୋଲି କର୍ମକ□ାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦେଶରେ ଆମେରିକା, କାନାଡ଼ା, ଲଣ୍ଡନ, ବାହାରିନ୍, ମିଆଁମାର, ସାଉଦିଆରବ ଆଦି ଦେଶମାନଙ୍କରେ କେତେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ନିଜ ନିଜ ସ୍ତରରେ ଓଡ଼ିଶା ପାଇଁ ଚିନ୍ତା କରୁଛନ୍ତି । ସେମାନଙ୍କୁ ଓଡ଼ିଶାର ସାମଗ୍ରିକ ବିକାଶ, ବିଶେଷତଃ କୃଷି, କୁଟୀର ଶିଳ୍ପ, ଗ୍ରାମୀଣ ପର୍ଯ୍ୟଟନ ଆଦିରେ ସଂଯୋଗ କରିବା ପାଇଁ 'ବିଶ୍ୱ ଓଡ଼ିଶା' କାର୍ଯ୍ୟ କରିବ ବୋଲି ଡ. ପାତ୍ର ମତାମତ ଦେଇଥିଲେ। ବିଶ୍ୱ ଓଡ଼ିଶାର ଏକ ଆନ୍ତର୍ଜାତିକ ଅଧିବେଶନ ଭୁବନେଶ୍ୱରଠାରେ ଆସନ୍ତା ମାର୍ଚ୍ଚ ମାସରେ ବିଭିନ୍ନ ଦେଶ ଓ ରାଜ୍ୟର ପ୍ରତିନିଧିମାନଙ୍କୁ ନେଇ ହେବା ପାଇଁ ନିଷ୍ପ□ି ନିଆଯିବା ସହିତ ପ୍ରବାସୀ ସ୍ଥାନାନ୍ତରିତ ଶ୍ରମିକ ତଥା କର୍ମଜୀବୀ ମାନଙ୍କର ଅନ୍‌ଲାଇନ୍ ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିରେ ଆବାହକ ଭାବରେ ଖ୍ୟାତିସମ୍ପନ୍ନ ସାମ୍ବାଦିକ କିଶୋର ଦ୍ୱିବେଦୀ, ବାହାରିନ ଓଡ଼ିଆ ସମାଜ ପ୍ରତିଷ୍ଠାତା ସଭାପତି ଡ. ଅରୁଣ ପ୍ରହରାଜ, କାଡ଼ାନାରେ ଅବସ୍ଥାପିତ ପ୍ରଫେସର ଡ. ତନ୍ମୟ ପଣ୍ଡା ପ୍ରମୁଖଙ୍କୁ ଗ୍ରହଣ କରାଗଲା। ଏଥିସହିତ ବିଭିନ୍ନ ରାଜ୍ୟରେ ତଥା ଦେଶରେ ଏହାର ଶାଖା ଗଠନ କରାଯିବା ପାଇଁ ନିଷ୍ପ□ି ଗ୍ରହଣ କରାଯାଇଛି। ଏହି ବୈଠକରେ ବିଶ୍ୱ ଓଡ଼ିଶାର ମୁଖ୍ୟ ସଂଯୋଜକ ଆଡ଼ଭୋକେଟ ମନୋରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି କବି ବାହାଦୁର ପାଟସାହାଣୀ, ସାଧାରଣ ସମ୍ପାଦକ ମନୋଜ ମନ୍ମୟ, ସଂଯୋଜକ ସରୋଜ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ଏସିଆର ଏକ ନମ୍ବର ବନ୍ଦର ହେବ ପାରାଦୀପ : କେନ୍ଦ୍ରମନ୍ତ୍ରୀ ସୋନୋୱାଲ

ପାରାଦୀପ,(ପି.ଏନ): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ, ଜଳମାର୍ଗ ଓ ଆୟୁଷ ବିଭାଗର ମାନ୍ୟବର ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ ଦୁଇ ଦିନିଆ ପାରାଦୀପ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଫେରି ଯାଇଛ଼ନ୍ତି । ରବିବାର ଦିନ ମାନ୍ୟବର କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ନବନିର୍ମିତ କନ୍‌ଭେନସନ୍ ସେ□ର ର ଲୋକାର୍ପଣ କରିଥିଲେ । ସୋମବାର ଦିନ ଇଫକୋର ନଦୀଭି□କ ବନ୍ଦର ଉଦଘାଟନ କରିବା ପରେ ନବନିର୍ମିତ କନ୍‌ଭେନସନ୍ ସେ□ର ଠାରେ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ସାମଗ୍ରୀ ପ୍ରଦାନ କରିଥିଲେ । ଏଥି ସହିତ ଜରାଶ୍ରମ ଅ'ବାସୀଙ୍କୁ ଆବଶ୍ୟକୀୟ ସାମଗ୍ରୀ ବ□ କରିଥିଲେ । ଶିକ୍ଷାର ବିକାଶ ହେଲେ ଦେଶ ବିକଶିତ ହେବ । ଶିକ୍ଷାର୍ଥୀମାନେ ପ୍ରତିଦିନ ୧୫ ଘ□ା ପର୍ଯ୍ୟ' ପାଠ ପଢିବାକୁ ମାନ୍ୟବର ମନ୍ତ୍ରୀ ଉପଦେଶ ଦେଇଥିଲେ । ଆଗାମୀ ଦିନରେ ପାରାଦୀପ ବନ୍ଦର କେବଳ ଦେଶର ନୁହେଁ ସମଗ୍ର ଏସିଆର ପ୍ରଥମ ଓ ବିଶ୍ୱର ଶ୍ରେଷ୍ଠ ବନ୍ଦର ହେବାକୁ ଯାଉଛି ବୋଲି କହିଥିଲେ କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ପାରାଦୀପ ବନ୍ଦରର ବିକାଶ କ୍ଷେତ୍ରରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଊର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସ୍ରୁତି ଦେଇଛନ୍ତିମ ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Wednesday April 27, 2022 ଭୁବନେଶ୍ୱର ବୁଧବାର, ଅପ୍ରେଲ ୨୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ମାଟ୍ରିକ୍‌ରେ କିସ୍‌ରୁ ୨୨୨୦ ପରୀକ୍ଷାର୍ଥୀ



ଭୁବନେଶ୍ୱର, (ପି.ଏନ): ଚଳିତବର୍ଷ କିସ୍‌ରୁ ମାଟ୍ରିକ୍ ପରୀକ୍ଷାରେ ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଚଳିତମାସ ୨୯ ତାରିଖରୁ ଆରମ୍ଭ ହେଉଥିବା ବେଳେ ଏଥିରେ କିସ୍‌ର ୨୨୨୦ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପରୀକ୍ଷା ଅବ୍ୟବହିତ ପୂର୍ବରୁ ମଙ୍ଗଳବାର କିସ୍ ପରିସରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପରୀକ୍ଷାର୍ଥୀଙ୍କ ଶୁଭ କାମନା କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ଏହି ଅବସରରେ ସେ ପିଲାଙ୍କୁ କଲମ ବଣ୍ଟନ କରିଥିଲେ। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିବେ ବୋଲି ଶ୍ରୀ ସାମନ୍ତ ଆଶା ପୋଷଣ କରିଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥିରେ କିସ୍‌ର ୧୨୦୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କଳାରେ ୪୪୦ ଜଣ ପରୀକ୍ଷା ଦେଉଥିବା ବେଳେ ବାଣିଜ୍ୟରେ ୩୩୨ ଏବଂ ବିଜ୍ଞାନରେ ଯଥାକ୍ରମେ ୪୩୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଶ୍ରୀ ସାମନ୍ତ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ କଲମ ବଣ୍ଟନ କରିବା ସହ ସେମାନଙ୍କ ସଫଳତା କାମନା କରିଥିଲେ।

# ବିଧବାଙ୍କ ଗାଁ ମଦରଙ୍ଗାଯୋଡି ଗ୍ରାମରେ ଜାତୀୟ ଜନଜାତି ଆୟୋଗ ପକ୍ଷରୁ ଜନଶୁଣାଣୀ

କେନ୍ଦୁଝର, ୨୫।୪(ପି.ଏନ): ସଦର ବ୍ଲକ ମହାଦେଇଯୋଡା ଗ୍ରାମ ପଞ୍ଚାୟତ ମଦରଙ୍ଗାଯୋଡି ଗ୍ରାମରେ ଜାତୀୟ ଆୟୋଗ ପକ୍ଷରୁ ସୋମବାର ଦିନ କ୍ୟାମ୍ପ କୋର୍ଟ ରେ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଜନଜାତି ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେବା ସହ ବହୁ ଅସୁବିଧାରେ ରହୁଥିବା ନେଇ ଜାତୀୟ ଜନଜାତି କମିଶନ, ନୂଆଦିଲ୍ଲୀର ଦ୍ୱାରସ୍ଥ ହୋଇଥିଲେ। ଜାତୀୟ ଜନଜାତି ଆୟୋଗ ର ସଦସ୍ୟ ଅନନ୍ତ ନାୟକ ଆଜି ମଦରଙ୍ଗାଯୋଡି ଗ୍ରାମକୁ ଯାଇ ଜନଜାତିଙ୍କ ବିଭିନ୍ନ ସମସ୍ୟା ଉପରେ ଜନଶୁଣାଣୀ କରିଥିଲେ। ଏହି ଗ୍ରାମର ୧୬ ଜଣ ଆଦିବାସୀଙ୍କ ସମେତ ମିଶ୍ର ମୁଣ୍ଡା ନାମକ ଜଣେ ବାଳକ ଜାତୀୟ ଜନଜାତି କମିଶନ ନିକଟରେ ଅଭିଯୋଗ ଜଣାଇଥିଲେ। ମିଶ୍ର ମୁଣ୍ଡାଙ୍କ ପିତା ପାଇରୋଫିଲାଇଟ (ଚୂନପଥର) ଖଣିରେ ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କ ଦେହାନ୍ତ ପରେ କ୍ଷତିପୂରଣ ମିଳିନଥିବା ଜାତୀୟ ଜନଜାତି ଆୟୋଗ ନିକଟରେ ଅଭିଯୋଗ କରିଥିଲେ। ମଦରଙ୍ଗାଯୋଡି ଚୁନପଥର ଖଣିରେ ଶ୍ରମିକ ଭାବେ କାର୍ଯ୍ୟ କରି ବହୁ ପୁରୁଷ ଟିବିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ବିଧବାଙ୍କ ଗ୍ରାମ ମଦରଙ୍ଗାଯୋଡିରେ ଅନେକ ଲୋକ ଏବେ ମଧ୍ୟ କ୍ଷତିପୂରଣ ପାଇନଥିବା ଆୟୋଗ ନିକଟରେ କହିଥିଲେ। ଏହି ଗାଁକୁ ରାସ୍ତା ନଥିବାବେଳେ ପିଇବା ପାଣି ସୁବିଧା ନାହିଁ। ଏକ ମାତ୍ର ପ୍ରାଥମିକ ବିଦ୍ୟାଳୟରେ ମାତ୍ର ୨ ଜଣ ଶିକ୍ଷକ ଥିବାବେଳେ ସେଥିମଧ୍ୟରୁ ଜଣେ ଶିକ୍ଷକ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନରେ ଯାଇଥିବା ପ୍ରକାଶ କରିଥିଲେ। ଜଙ୍ଗଲ ଜମି ଅଧିକାର ଆଇନ ବଳରେ ମିଳିଥିବା ପଟ୍ଟା ଚିହ୍ନଟ କରି ହସ୍ତାନ୍ତର କରାଯାଇନଥିବାରୁ ଆଦିବାସୀମାନେ ନିଜ ଦଖଲକୁ ପାଇନାହାଁନ୍ତି। ସ୍ଥାନୀୟ ଜନଜାତି ସୁରକ୍ଷା ଏବଂ ନ୍ୟାୟ ପ୍ରଦାନ କରିବା ଦିଗରେ ପ୍ରଶାସନ ପଦକ୍ଷେପ ନେଉନଥିବା ସେମାନେ ଅଭିଯୋଗ କରିଥିଲେ। ଗାଁର ବହୁ ଲୋକ ରେସନ କାର୍ଡ,ବିଧବା ଭ□। ଏବଂ ବାର୍ଦ୍ଧକ୍ୟ ଭ□। ପାଉନଥିବା କହିଥିଲେ। କମିଶନ ସଦସ୍ୟ ଅନନ୍ତ ନାୟକ ପେଶା ଆକ୍ଟ ଏବଂ ଜଙ୍ଗଲ ଜମି ଅଧିକାର ଆଇନ ଉପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମାନା ମୁଣ୍ଡା ଅଭିଯୋଗ କରିଥିଲେ ଯେ ମଦରଙ୍ଗାଯୋଡି ପାଇଲୋଫିଲାଇଟ ଖଣିରେ କାମ କରି ରୋଗରେ ପଡି ତାଙ୍କ ସ୍ୱାମୀ ଜାମଦେବ ମୁଣ୍ଡା ମୃତ୍ୟୁବରଣ କରିଥିଲେ ମଧ୍ୟ ତାଙ୍କୁ ଅଦ୍ୟାବଧି କ୍ଷତିପୂରଣ ମିଳିନଥିବା କହିଥିଲେ। ଉକ୍ତ ଗ୍ରାମର ରସେଇ ମୁଣ୍ଡା ଖଣିରେ କାମ କରି ରୋଗାକ୍ରାନ୍ତ ହୋଇ ଅର୍କମଣ୍ୟ ହୋଇ ଘରେ ପଡି ରହିଛନ୍ତି। ତାଙ୍କ ପୁଅ ମଧ୍ୟ ପ୍ରଦୂଷଣର ଶୀକାର ହୋଇ ଗୋଟିଏ ଆଖି ନଷ୍ଟ ହୋଇଯାଇଛି। ଗୁଡା ବେହେରା ଙ୍କ ସ୍ୱାମୀ ଦୁଃଖବନ୍ଧୁ ବେହେରା ଖଣିରେ କାମ କରି ମୃତ୍ୟୁବରଣ କରିଥିବାବେଳେ କ୍ଷତିପୂରଣ ମିଳିନଥିବା କହିଛନ୍ତି। ପେସ୍କାର ମୁଣ୍ଡା ଙ୍କ ସ୍ୱାମୀ ଖଣିରେ କାମ କରି ରୋଗରେ ପଡି ମୃତ୍ୟୁବରଣ କରିଥିବା କମିଶନ ନିକଟରେ ଅଭିଯୋଗ କରିଥିଲେ। ପାନ ମୁଣ୍ଡା ଏବଂ କଇଁ ଫୁଲ ପଲେଇ ଖଣି ଓ କାରଖାନା ପ୍ରଦୂଷଣରେ ତାଙ୍କ ସ୍ୱାମୀ ମୃତ୍ୟୁବରଣ କରିଥିବା କହିଥିଲେ। କମିଶନ ନିକଟରେ ଜଣେ ନାବାଳକ ମିଶ୍ର ମୁଣ୍ଡା ତାଙ୍କ ପିତା ଖଣିରେ କାର୍ଯ୍ୟ କରୁଥିବାବେଳେ ରୋଗରେ ପଡି ମରିଥିବା ଅଭିଯୋଗ କରିଥିଲେ। ଗାଁ ଲୋକଙ୍କର ଅଭିଯୋଗ ଅନୁସାରେ ଏହି ମଦରଙ୍ଗାଯୋଡି ଗାଁ ନିକଟରେ ଅନେକ ବର୍ଷ ପୂର୍ବରୁ ଏକ ପାଇରୋଫିଲାଇଟ ଖଣି ଓ ଧୂର୍ପଦାରେ ଚୂନ ପଥର ପାଉଡର କାରଖାନା ଥିଲା। ଏହି ଗାଁ ର ପୁରୁଷ ଓ ମହିଳାମାନେ ସେହି ଖଣି ଓ କାରଖାନା ରେ କାମ କରୁଥିଲେ। ଚୂନ ପଥର ଗୁଣ୍ଡ ଯୋଗୁଁ ଧିରେ ଧିରେ ସେମାନଙ୍କର ଶରୀର ଅସୁସ୍ଥ ହେବାକୁ ଲାଗିଲା। ଡାକ୍ତର ତାଙ୍କ ଫୁସଫୁସ ରେ ପାଉଡର ଜମିଥିବା କଥା କହିଲେ ଓ ସେଥି ପାଇଁ ସେମାନଙ୍କୁ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେଉଥିଲା। ଲୋକଙ୍କର ପାଖରେ ଯାହା କିଛି ପଇସା ଥିଲା ଓ ଜମି ବାଡି ବିକି ଭାଙ୍ଗି ଚିକିତ୍ସା କଲେ ହେଲ ଫଳ କିଛି ହେଲା ନାହିଁ ଚିକିତ୍ସା ପାଇ ଅନେକ ଟଙ୍କା ଦରକାର ହେଲା। ଶେଷରେ ଅନେକ ଚିକିତ୍ସା ଅଭାବରୁ ମୃତ୍ୟୁ ବରଣ କଲେ ଓ ଅନେକେ ଏବେ ବି ବହୁ ଲୋକ ଟିବି ରୋଗରେ ପଡି ମୃତ୍ୟୁ ଯନ୍ତ୍ରଣାରେ ରେ ଛଟପଟ ହେଉଛନ୍ତି । କମିଶନ ସଦସ୍ୟ ଅନନ୍ତ ନାଏକ ଏହାକୁ ଗୁରୁତର ସହ ନେଇଥିବା ବେଳେ ସମସ୍ତ ଅଭିଯୋଗ ଲିଖିତ ଭାବରେ ଦେବାକୁ କହିଥିଲେ। ଆଦିବାସୀଙ୍କୁ ଜୀବନ ଜୀବିକା ଦେଉଥିବା ଗଛ ଯଥା ଆମ୍ବ,ଜାମୁ,ପଣସ ଗଛ ଲଗାଇବାକୁ ସେ ପରାମର୍ଶ ଦେଇଥିଲେ। ଆଦିବାସୀମାନେ ନିଜ ଅଧିକାର ରୁ ବଞ୍ଚିତ ହେଉଥିବାରୁ ସେମାନଙ୍କୁ ସଚେତନତା ମାଧ୍ୟମରେ ସେମାନଙ୍କର ଅଧିକାର ଉପରେ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ଏହି କ୍ୟାମ୍ପ କୋର୍ଟରେ ସଦର ବିଡିଓ,ତହସିଲଦାର ଅନୁପସ୍ଥିତ ଥିବାବେଳେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ,ଏବିଡିଓ ଶରତ କୁମାର ବାରିକ,ପଦ୍ମପୁର ସିଏଚ୍‌ସିର ଡାକ୍ତର ସୁଦର୍ଶନ ମହାନ୍ତ,ମହାଦେଇଯୋଡା ସରପଞ୍ଚ ରମେଶ ମୁଣ୍ଡା,ରାଇସୁଆଁ ରାଜସ୍ୱ ନୀରିକ୍ଷକ ଯୁଗଳ କିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାରେ ଯୁବ କଂଗ୍ରେସର ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର, (ପି.ଏନ): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନର ଶୁଭାରମ୍ଭ ହୋଇଛି। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ। ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ। ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ।ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଉର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା।

## ଡର ଧକ୍କାରେ ଆହତ ଛାତ୍ରୀଙ୍କ କଟକ ମେଡିକାଲରେ ମୃତ୍ୟୁ

ଧର୍ମଶାଳା, (ପିଏନ୍):ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିବେକାନନ୍ଦ ଶିକ୍ଷାନିକେତନର ବାର୍ଷିକ ଉତ୍ସବ, ବିଜ୍ଞାନ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବାର୍ଷିକ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ରମଣୀ ରଂଜନ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାଁ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୁଶଧର ପଣ୍ଡା, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା ଯୋଗଦେଇଥିଲେ। ଏହି ଅବସରରେ ବିଜ୍ଞାନ ମେଳାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୨୨ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଶିକ୍ଷକ ରଶ୍ମି ରଂଜନ ମହାପାତ୍ର ଓ ରବୀନ୍ଦ୍ର ମହାଁ ଯୋଗାଦେଇଥିଲେ। ବାର୍ଷିକ ଉତ୍ସବ ଅବସରରେ ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ପର୍ଶୁରାମ ନାୟକ ଓ ଅବସରପ୍ରାପ୍ତ କୃତି ଶିକ୍ଷକ ବୀର କିଶୋର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅସିତ କୁମାର ସାମଲ ଅତିଥିମାନଙ୍କ ପରିଚୟ ଓ ସ୍ୱାଗତ ଜଣାଇଥିବା ବେଳେ ଅନ୍ୟତମ ଶିକ୍ଷକ ଶ୍ରୀକା' ନାୟକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ଉପଭୋଗ କରିଥିଲେ।

## ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଷ୍ଟାଡିଅମ ନିକଟରେ ସୋମବାର ଡର ଧକ୍କାରେ ଆଦର୍ଶ ବିଦ୍ୟାଳୟର

୨ ଜଣ ଛାତ୍ରୀ ଆହତ ହୋଇ କଟକରେ ଚିକିତ୍ସିତ ହେଉଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଜଣକର ମୃତ୍ୟୁ ଘଟିଛି । ମୃତ ଛାତ୍ରୀ ଜଣକ ଏହି ଥାନା ପାଟପୁର ପଂଚାୟତ ଖରିପଡିଆ ଗ୍ରାମର ବିଦ୍ୟାଧର ବେହେରାଙ୍କ ଝିଅ ପ୍ରଦୀପ୍ତା ବେହେରା(୧୩) ବୋଲି ଜଣାପଡିଛି । ଜାରକାସ୍ଥିତ ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ପ୍ରଦୀପ୍ତା ବେହେରା ଓ କୁଆଖିଆ ଥାନା ମୁଗପାଳ ଅଂଚଳର ଅନୁଶ୍ରୀ ଗୁଇଁ ଗତକାଲି ପୂର୍ବାହ୍ନ ୧୧ ଟା ରେ ସ୍କୁଲ ଛୁଟିପରେ ସାଇକଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଷ୍ଟାଡିଅମ ନିକଟରେଏକ ଡର ତାଙ୍କୁ ଧକ୍କାଦେଇଥିଲା। ଫଳରେ ଉଭୟ ଛାତ୍ରୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତି କରିଥିଲେ । ଉଭୟଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ପ୍ରଦୀପ୍ତାର ମୃତ୍ୟୁ ଘଟିଥିଲା । ଶବ ବ୍ୟବଛେଦ ପରେ ଆଜି ଗାଁକୁ ମୃତଦେହକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶୋକାକୂଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

# ରାହୁଲ ଗାନ୍ଧୀଙ୍କୁ କଂଗ୍ରେସ ଦଳ ସଭାପତି କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ପ୍ରସ୍ତାବ




ଭୁବନେଶ୍ୱର (ପି.ଏନ): କଂଗ୍ରେସ ଦଳର ପୂର୍ବତନ ସଭାପତି ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ଚାଷୀ, ଶ୍ରମିକ କର୍ମଚାରୀଙ୍କର ଦାବୀଙ୍କୁ ଦୃଢ଼ ଭାବରେ ସମର୍ଥନ କରିଛନ୍ତି। କୋଭିଡ୍ - ୧୯ ସଂକ୍ରମଣ ପରିସ୍ଥିତିରେ ଅସଂଗଠିତ ଶ୍ରମିକ, ନିର୍ମାଣ ଶ୍ରମିକ ଓ ପ୍ରବାସୀ ଶ୍ରମିକ ମାନଙ୍କୁ ଉଧାର ସାହାଯ୍ୟ କାର୍ଯ୍ୟରେ କଂଗ୍ରେସ ଦଳର ସଭାପତୀ ଶ୍ରମତୀ ସୋନିଆ ଗାନ୍ଧୀ ଓ ପୂର୍ବତନ ସଭାପତି ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ସାରା ଦେଶରେ ମୋଦୀଙ୍କର ଏକଛତ୍ରବାଦୀ ଶ୍ରମିକ ଚାଷୀ ଓ ଜନବିରୋଧି ସରକାର ବିରୋଧରେ ରାହୁଲ ଗାନ୍ଧୀ ହିଁ ଏକ ମାତ୍ର ଜାତୀୟ ନେତା। ଯାହାଙ୍କର ଜନସାଧାରଣଙ୍କ ସପକ୍ଷରେ ଓ ମୋଦୀ ସରକାର ବିରୋଧରେ ନିର୍ଭିକ ଭାବେ ବିଭିନ୍ନ ନିଷ୍ପତିକୁ ବିରୋଧ କରିଛନ୍ତି। ଏଣୁ ଆଗାମୀ କଂଗ୍ରେସ ସାଂଗଠନିକ ନିର୍ବାଚନରେ ରାହୁଲ ଗାନ୍ଧୀଙ୍କୁ କଂଗ୍ରେସ ଦଳର ସଭାପତି ଭାବରେ ନିର୍ବାଚନ କରିବା ପାଇଁ ଓଡ଼ିଶା ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ବର୍ଦ୍ଧିତ କାର୍ଯ୍ୟକାରିଣୀ କମିଟିରେ ସର୍ବସମ୍ମତ ପ୍ରସ୍ତାବ ଗୃହିତ ହୋଇଛି। ଏହି କାର୍ଯ୍ୟକାରୀ କମିଟିରେ ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ଡଃ ଏ. ଚେଲ୍ଲାକୁମାର ଯୋଗ ଦେଇ କଂଗ୍ରେସ ଦଳରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଓ ଓଡ଼ିଶା ରାଜ୍ୟରେ କଂଗ୍ରେସ ଦଳକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଶା ରାଜ୍ୟରେ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କର ସମସ୍ତ ଶ୍ରମିକ ବିରୋଧି ନିତୀ ବିରୋଧିରେ ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଶାଖା ଆନ୍ଦୋଳନ କଲେ କଂଗ୍ରେସ ଦଳ ଏହାକୁ ଦୃଢ଼ ସମର୍ଥନ କରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକାରୀ କମିଟିର ଅଖିଳ ଭାରତ କଂଗ୍ରେସ କମିଟିର ସଚୀବ ଶ୍ରୀ ରୁଦ୍ର ରାଜୁ ଯୋଗ ଦେଇଥିଲେ। ଡଃ ରାମଚନ୍ଦ୍ର ଖୁଂଟିଆଙ୍କ ପୌରହିତରେ ଏହି କାର୍ଯ୍ୟକାରୀ କମିଟିରେ ୧୯ ଟି ପ୍ରସ୍ତାବ ଗୃହିତ ହୋଇଥିଲା। ଆଗାମୀ ଅଗଷ୍ଟ ୯ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସମ୍ମିଳନୀ ପାଇଁ ବିଭିନ୍ନ କମିଟି ନିଯୁକ୍ତି କରିବା ପାଇଁ ଡଃ ରାମଚନ୍ଦ୍ର ଖୁଂଟିଆଙ୍କୁ ଅଧିକୃତ କରାଯାଇଥିଲା। ଏହି ସଭାରେ ସାଧାରଣ ସଂପାଦକ - କିଶୋର ଜେନା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଉପସଭାପତି - ମଦନ ମୋହନ ଧଳ - ସଭାର ଆଭିମୁଖ୍ୟ ସଂପର୍କରେ ସମ୍ୟକ ସୂଚନା ଦେଇଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ମହାପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ସନ୍ଧ୍ୟା ମହାପାତ୍ର, ଧରଣୀ ସ୍ୱାଇଁ, ନିର୍ମଳ ସାମଲ, ପରେଶ ଜେନା, ଭୀମ ଜେନା, ପ୍ରଣତି ମିଶ୍ର, ସତ୍ୟବ୍ରତ ନାୟକ, ଶୀବ କୁଅଁର, ବିମଳ ନାୟକ, ସନ୍ତୋଷ ନନ୍ଦ, ଅକ୍ଷୟ ତ୍ରିପାଠୀ, ଭୁବନ ସାହୁ, ଘନ ସବର, ଇକ୍‌ବାଲ ମଲ୍ଲିକ, ନିହାର ରଂଜନ ଦାସ, ଫକୀର ଖଟୁଆ, କୃଷ୍ଣ ଚନ୍ଦ୍ର ଓଝା, ବସନ୍ତ କୁମାର ସେଠୀ, କୃଷ୍ଣଚନ୍ଦ୍ର ସାହୁ, ଅଜୟ ପାଇକରାୟ, ସିଲି ସେଠୀ, ପିତବାସ ପଣ୍ଡା, ଭୋକାଲି ସେଠୀ, କେଶବ ବେହେରା, ରଶ୍ମିରଂଜନ ପାତ୍ର, ଖଗେଶ୍ୱର ସ୍ୱାଇଁ, କର୍ଣ୍ଣରାଜ ପ୍ରଧାନ, ସରୋଜ ପ୍ରଧାନ, ଭବାନୀ ଶଙ୍କର ଜେନା, କୈଳାସ ସାହୁ, ବିକାଶ ଦାସ, ଅଯୋଧ୍ୟା ସାହୁ ଓ ଆଶା ମିନ୍‌ଜ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray